

ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର୍ ଟି. ୱାଶିଂଟନ



## ସଂକ୍ଷେପରେ

### ନାବାଳିକା ନିଖୋଜ, ଥାନାରେ ଏତଲା

**ଔପଦା,୫।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ଥାନା ଅନ୍ତର୍ଗତ ଔପଦା ହାଇସ୍କୁଲର ଜଣେ ନବମ ଶ୍ରେଣୀ ଛାତ୍ରୀ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କୁ ପ୍ରଲୋଭିତ କରି ଅପହରଣ କରାଯାଇଥିବା ବିଷୟ ଛାତ୍ରୀଙ୍କ ପିତା ପ୍ରକାଶ କରିଛନ୍ତି। ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଗୁହାଳଗଡ଼ିଆ ଗ୍ରାମର ଜଣେ ନାବାଳକଙ୍କ ସହିତ ଅନ୍ୟ କେତେଜଣ ଯୁବକ ଏହି ଅପହରଣ ମାମଲାରେ ସମ୍ପୃକ୍ତ ବୋଲି ନାବାଳିକାଙ୍କ ପିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଏସ୍ଆଇ ନଗେନ ଦାସଙ୍କୁ ପଚାରିବାରୁ ସେ ପୋଲିସ ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ପ୍ରକାଶ କରିଛନ୍ତି।

### ସଦାନନ୍ଦପୁରରେ ଭାବସଂକ୍ରମଣ କାର୍ଯ୍ୟକ୍ରମ

**ବସ୍ତା,୫।୯(ସ୍ୱ.ପ୍ର):** ବସ୍ତା ବ୍ଲକ ଅଧୀନ ସଦାନନ୍ଦପୁର ପଞ୍ଚାୟତ ଦପ୍ତର ପରିସରରେ ବିଶ୍ୱ ମାନବ ଧର୍ମ ପରିବାର ପକ୍ଷରୁ ଭାବସଂକ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ପରିବାରର ପ୍ରଧାନ ସେବକ ଶିଶିର କୁମାର ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମାପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସରପଞ୍ଚ ଅନୀଲ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ହେମନ୍ତ କୁମାର ପଣ୍ଡା, ଶିକ୍ଷାବିତ୍ ନାରାୟଣ ଦାସ, କୁମୁଦ ରଞ୍ଜନ ଗିରି, ଆଇନଜୀବୀ ଦେବେନ୍ଦ୍ର ନାଥ ଦାଶ, ଜୟକୃଷ୍ଣ ଗିରି, ରବୀନ୍ଦ୍ର କୁମାର ବେହେରା, ସନତ କୁମାର ଦେ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ୧୦ଟି ରାଜ୍ୟରେ ଚାଲିଥିବା ମୃତ୍ୟୁ ପରେ ଅଙ୍ଗଦାନ, ଜ୍ଞାନଦାନ, ସ୍ୱଚ୍ଛ ଭାରତ ଗଠନ, ଶୁଦ୍ଧ ପ୍ରଦାନ ନେଇ ଜନ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଆଲୋଚ୍ୟ ବସ୍ତୁ ଥିଲା। କାର୍ଯ୍ୟକ୍ରମରେ ଟାଟା ଟ୍ରଷ୍ଟ ତଥା ମାନବ ଧର୍ମ ସୁରକ୍ଷା ପରିବାରର ସେବକମାନେ କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ୧୮ହଜାର ଟଙ୍କାର ଆର୍ଥିକ ରାଶି ଜିଲାପାଳଙ୍କ ମାଧମରେ ପ୍ରେରଣ କରାଯିବାର ଘୋଷଣା ହୋଇଥିଲା। ଶେଷରେ ଟାଟା ଟ୍ରଷ୍ଟର ସଂଯୋଜକ ପ୍ରଦୀପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଶିଳ୍ପୀଗୁରୁ ପୂଜନ ଉତ୍ସବ

**ବାଲେଶ୍ୱର ଅଫିସ,୫।୯ :** ଓଡ଼ିଶାଶିଳ୍ପୀ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ନାରୀ ସଂଘ ପରିସରରେ ଶିଳ୍ପୀଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟସଭାପତି ଉଦୟ ମହାନ୍ତି ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଜିଲାସଭାପତି ବାସନ୍ତୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଡିଆଇସି ଜେନେରାଲ ମ୍ୟାନେଜର ନରେନ୍ଦ୍ର ଜେନା ଯୋଗଦେଇ ସରକାରୀ ସ୍ତରରେ ଶିଳ୍ପୀମାନଙ୍କୁ ପ୍ରୋତ୍ସାହନ ମିଳିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ନାରୀସଂଘ ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ର, ଯାଜପୁର ଜିଲା ସଭାପତି ଶିଳ୍ପୀ ନରେନ୍ଦ୍ର ବେହେରା, ରାଜ୍ୟ ଉପସଭାପତି ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଅକ୍ଷୟ କୁମାର ସାହୁ, ଅଲେଖ କୁମାର ସାହୁ, ସରୋଜିନୀ ଦାସ, ମିନତୀ ଜେନା, କନକ ମହନ୍ତ, ବାସନ୍ତୀ ନାୟକ ପ୍ରମୁଖଙ୍କୁ ପୂଜନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପୀ ସରୋଜିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଚକ୍ଷୁଦାନ ମହତ୍ ଦାନ'

**ବାଲେଶ୍ୱର ଅଫିସ,୫।୯:** ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୩୩ତମ ଚକ୍ଷୁଦାନ ପକ୍ଷ ମଙ୍ଗଳବାର ପାଳିତ ହୋଇଥିଲା। ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ ଶୁଭାରମ୍ଭ କରିଥିଲେ। ଚକ୍ଷୁଦାନ ଏକ ମହତ୍ ଦାନ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଦସ୍ତଖତ ଅଭିଯାନ କରାଯାଇଥିଲା। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସୁଜିତ ନାରାୟଣ ମହାପାତ୍ର, ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତି, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣୀ କାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀତି ସଞ୍ଚାର କରୁଛି ଜୁଆର ମାଡ଼

**ବାଲିଆପାଳ,୫।୯(ଡି.ଏନ.ଏ.)**



ଜୁଆର ପାଣି ସୁବର୍ଣ୍ଣରେଖା କୂଳ ଖାଉଛି।

- ସୁବର୍ଣ୍ଣରେଖାରେ କଙ୍କଡାପାଳ ଲୀନ ହୋଇଯିବା ଆଶଙ୍କା
- ବର୍ଷାଦିନେ ଟଙ୍କା ମଞ୍ଜୁରୀ, ହୋଇପାରୁନି କାମ
- ମୁହାଣ ପୋତି ହୋଇପଡୁଥିବାରୁ ବଢ଼ିଛି ବିପଦ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ପ୍ରସିଦ୍ଧ ଡଗରା ବେଳାଭୂମି ତଥା ମୁହାଣ ସଂଲଗ୍ନ କଙ୍କଡାପାଳ ସୁବର୍ଣ୍ଣରେଖା ନଦୀରେ ଲୀନ ହେବାକୁ ବସିଲାଣି। ନିୟତ ନଦୀକୂଳ ଅତଡା ଖାଇ ଗ୍ରାମ ପ୍ରତି ବିପଦ ସୃଷ୍ଟି କରି ଚାଲିଛି। ଗତ କିଛି ବର୍ଷ ମଧ୍ୟରେ ଅନେକ ଘରବାଡି ଓ ଚାଷ ଜମି ନଦୀରେ ମିଶି ଗଲାଣି। ଗାଁର ମୋଟ ୩୨୭ ପରିବାର ମଧ୍ୟରୁ ୧୨୭ ପରିବାରର ଘରଡିହ ନଦୀରେ ସମ୍ପୂର୍ଣ୍ଣ ମିଶି ଯାଇଥିବାବେଳେ ବାକି ୨ଶହ ପରିବାର ଏବେ ବିପଦସଙ୍କୁଳ ସ୍ଥିତିରେ ରହିଛନ୍ତି। ବର୍ତ୍ତମାନର ସ୍ଥିତି ଯାହା ପୂରା ଗାଁକୁ ଯେମିତି ଗିଳିଦେବାକୁ ଆଁ କରି ଅନାଇ ବସିଛି ସୁବର୍ଣ୍ଣରେଖା।

ମୁହାଣ ସଂଲଗ୍ନ କଙ୍କଡାପାଳ ଗ୍ରାମର ସୁରକ୍ଷା ଲାଗି ଜଳସେଚନ ବିଭାଗ ତରଫରୁ ପୂର୍ବରୁ ପ୍ରସ୍ତୁତ ମାଷ୍ଟର ପ୍ଲାନ ଅନୁଯାୟୀ ପ୍ରଥମେ ୧୫ଶହ ମିଟର ନଦୀକୂଳର ସୁରକ୍ଷା ସକାଶେ ପଥର ପ୍ୟାକିଂ କରାଯିବା ଲାଗି ୧୫ କୋଟି ଟଙ୍କାର ଯୋଜନା ହୋଇ ୩ କୋଟି ଟଙ୍କା ଆସିଥିଲା। ମାତ୍ର ୪ ଶହ ମିଟର କାର୍ଯ୍ୟ ଶେଷ ହୋଇଥିବା ବେଳେ ଅର୍ଥାଭାବରୁ ଅବଶିଷ୍ଟ କାର୍ଯ୍ୟ ଅଧୁରା ପଡି ରହିଥିଲା। ସମ୍ପ୍ରତି ଅବଶିଷ୍ଟ ପଥର ପ୍ୟାକିଂ ଲାଗି ଟଙ୍କା ମଞ୍ଜୁର ହେବା ପରେ ସପ୍ତାହକ ତଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏଠାକୁ ଆସି ଶିଳାନ୍ୟାସ କରି ଫେରିଛନ୍ତି । ବର୍ତ୍ତମାନ ବର୍ଷାଦିନେ ସ୍ପର ନିର୍ମାଣ ଓ ପଥର ପ୍ୟାକିଂ କରିବା ସମ୍ଭବ ନ ଥିବାରୁ ଗ୍ରାମବାସୀଙ୍କ ଆଖିରୁ ନିଦ ହଜିଛି। ଗାଁରେ ୯୦ ପ୍ରତିଶତ ଲୋକ ମତ୍ସ୍ୟଜୀବୀ। ସେମାନେ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ସେମାନଙ୍କ ଘରଡିହ ନଦୀଗର୍ଭକୁ ଚାଲି ଯିବା ଆଶଙ୍କା ଯୋଗୁ ବାଲିବସ୍ତା ପକାଇ କୂଳକୁ ସୁରକ୍ଷା ଦେବା ସକାଶେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ହେବା ଯୋଜନାକୁ ଅନେକ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ରାଜ୍ୟ ସରକାର ନଦୀ ମୁହାଣ ଅଞ୍ଚଳର ସୁରକ୍ଷା ପାଇଁ ଶୀଘ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ସୁବର୍ଣ୍ଣରେଖା ମୁହାଣରେ ଜୁଆର ପାଣି ପଶିଲେ, ଏହା ସଙ୍ଗେସଙ୍ଗେ କଙ୍କଡାପାଳ ଗାଁକୁ ପଶି ଆସେ। ଅମାବାସ୍ୟା ଓ ପୂର୍ଣ୍ଣିମାରେ ଜୁଆର ମାଡ ଭୀତି ସଞ୍ଚାର କରିଥାଏ। ଏହି ଗାଁର ସୁବଳ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୂର୍ବରୁ ଗାଁ ଠାରୁ ୨ କି.ମି. ଦୂରରେ ନଈ ଥିଲା । ଏବେ ଗାଁକୁ ଗିଳିଦେବାକୁ ବସିଛି । ତାଙ୍କ ଘର ୩ ଥର ନଈରେ ଭାସିଯାଇଛି। ବର୍ତ୍ତମାନ ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜାଗାରେ ଘର କରି ପିଲା ଛୁଆ ଧରି ରହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଲକ୍ଷ୍ମୀକାନ୍ତ ଦାସ, ଶାମ ଗିରି, ବାବୁଲା ମହାନ୍ତି, ପୂର୍ଣ୍ଣ ମହାନ୍ତି ଓ କାହ୍ନୁ ମହାନ୍ତିଙ୍କ ପରି ୧୩୦ ପରିବାରର ଘର ନଦୀଗର୍ଭକୁ ଚାଲିଗଲାଣି। ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ଘରବାଡିକୁ ଲାଗି ୨ ଏକର ଜମି ରହିଥିଲା। ଏବେ ମାତ୍ର ୧୦ ଡିସିମିଲ ଜାଗା ରହିଛି। ସୁବର୍ଣ୍ଣରେଖା ନଈର ଉତ୍ତର ପଟେ ଭୋଗରାଇ ବ୍ଲକ ରହିଛି। ନଦୀର ଜୁଆର ପାଣି କେବଳ ଦକ୍ଷିଣ ପାଖ କଙ୍କଡାପାଳ ଗାଁ ପାର୍ଶ୍ୱରେ ମାଡ ହେଉଥିବାରୁ ଏଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏଥର ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ସବୁକିଛି ଭସାଇ ନେଇ ଯିବ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ମୁହାଣ କ୍ରମଶଃ ପୋତି ହୋଇପଡୁଥିବାରୁ କଙ୍କଡାପାଳ ପ୍ରତି ଅଧିକ ବିପଦ ଘନୀଭୂତ ହୋଇଥିବା ସେମାନେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସହନିର୍ବାହୀ ଯନ୍ତ୍ରୀ ଜୟକୃଷ୍ଣ ବେହେରାଙ୍କୁ ପଚାରିବାରୁ ଏବେ ଟଙ୍କା ମଞ୍ଜୁର ହୋଇ ଆସିଥିବାରୁ ଖୁବ ଶୀଘ୍ର ନଦୀକୂଳ ସୁରକ୍ଷା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ଔପଦାରେ ଖେଳକୁଦ ଓ ଦୌଡ଼ ପ୍ରତିଯୋଗିତା

**ଔପଦା, ୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ଖେଳକୁଦ ଓ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଗିରି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଡିଓ ପୀତାମ୍ବର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଖେଳ ଶିକ୍ଷାର ଏକ ଅଙ୍ଗ। ଭଲ ପାଠ ପଢ଼ିବା ସହ ଖେଳକୁଦ ପ୍ରତି ଶିକ୍ଷାର୍ଥୀମାନେ ଆଗ୍ରହ ରଖିବା ଉଚିତ ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ଔପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ କର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏବିଓ ବଂଶୀଧର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ନେତା ସୁରେନ୍ଦ୍ର ନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ୨ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କବାଡ଼ି, ଖୋ-ଖୋ, ଭଲି, ଫୁଟ୍‌ବଲ, ଦୌଡ଼ ଏବଂ ଲମ୍ଫଡ଼ିଆଁ ଆଦି ଖେଳ ହୋଇଥିଲା।

## ଯୁବକଙ୍କୁ ବାନ୍ଧି ମାଡ଼ ଘଟଣା
# ୨ ଅଭିଯୁକ୍ତ ଜେଲ ଗଲେ



ଗିରଫ ୨ ଅଭିଯୁକ୍ତ।

**ରେମୁଣା,୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ସୋମନାଥପୁର ବଜାରରେ ଜଣେ ଯୁବକଙ୍କୁ ବାନ୍ଧି ମାଡ଼ ଘଟଣା ଅଭିଯୋଗରେ ବୁଧବାର ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋମନାଥପୁର ଅଞ୍ଚଳର ଜାଭିର ଖାଁ ଓ ଅଜୟ ସାହୁ। ଏ ସଂକ୍ରାନ୍ତରେ ପୋଲିସ ଥାନାରେ ଏକ ମାମଲା (ନଂ. ୭୮/୧୮) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

ଘଟଣାରୁ ପ୍ରକାଶ, ସୋମନାଥପୁର ଛକରେ ଗତ ୩ ତାରିଖ ଜାଭିର ଖାଁଙ୍କ ଦୋକାନରୁ ଗୋବିନ୍ଦପୁର ଗ୍ରାମର ଜନାର୍ଦ୍ଦନ ସାହୁ ଏକ ଏଲ୍ଇଡ଼ି ବଲ୍‌ବ କିଣିବାକୁ ଯାଇଥିଲେ। ବଲ୍‌ବର ଦାମ୍ ୧୨୦ ଟଙ୍କା ହୋଇଥିବା ବେଳେ ଜନାର୍ଦ୍ଦନ ୯୦ଟଙ୍କା ଓ ୩୦ ଟଙ୍କା ଖୁଚୁରା ପଇସା ଦେବାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ମାତ୍ର ଜାଭିର ତାଙ୍କ ଦୋକାନରୁ ଗ୍ରାହକ ଜନାର୍ଦ୍ଦନ ଚୋରି କରୁଥିବା ଅନ୍ୟ ଦୋକାନୀମାନଙ୍କୁ କହିଥିଲେ। ଫଳରେ ଅନ୍ୟ ଦୋକାନୀମାନେ ଘଟଣା ସମ୍ପର୍କରେ ବୁଝାଶୁଝା ନ କରି ଜନାର୍ଦ୍ଦନର ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ତାଙ୍କୁ ଲଣ୍ଡା କରି ଗ୍ରାମରେ ବୁଲାଇଥିଲେ। ଫଳରେ ମାନସିକ ଭାରସାମ୍ୟ ହରାଇ ଜନାର୍ଦ୍ଦନ ଘରକୁ ଯାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ। ପତ୍ନୀ ମଞ୍ଜୁଲତା ସ୍ୱାମୀଙ୍କୁ ବୁଝାଇ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ପରେଶ ରାଉତ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

## ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ଆଲୋଚନାଚକ୍ର

**ଜଳେଶ୍ୱର, ୫।୯ (ଡି.ଏନ୍.ଏ.)**

ଜଳେଶ୍ୱର ଧାନସିମୁଳିଆ ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ସଭାଗୃହରେ ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଚୌଧୁରୀ ସୁରେଶଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ.ମଧୁମିତା ଦାସ, ମୁଖ୍ୟବକ୍ତା ଭାବେ ବିଶ୍ୱ ବିଦ୍ୟାଳୟର ସାମାଜିକ ବିଜ୍ଞାନ ପ୍ରଫେସର ଡ. ଅନୀଲ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସ୍ଥିତ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଶିତାଂଶୁ କୁମାର ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ନାରୀ ମାନଙ୍କ ସ୍ଥାନ ଓ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ସୁଶାନ୍ତ କୁମାର ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗେନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମୁଖ୍ୟଅତିଥି ରଘୁନାଥ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ରୂପ୍‌ସା,୫।୯(ଡି.ଏନ.ଏ.)**

ଛାତ୍ରୀଛାତ୍ର ନିଜକୁ ନିଜେ ନିର୍ମାଣ କରନ୍ତୁ। ଶିକ୍ଷା ପାଇଁ ଅଧିକ ସମୟ ବିନିଯୋଗ କରନ୍ତୁ। ମା'ବାପାଙ୍କର ଆକାଂକ୍ଷାକୁ ସଫଳତା ଦିଗରେ ସର୍ବଦା ବ୍ରତୀ ହୁଅନ୍ତୁ। ମାନବ ସମ୍ବଳର ବିକାଶ ହେଲେ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି ମୁଖ୍ୟଅତିଥି ପୂର୍ବତନମନ୍ତ୍ରୀ ତଥା ରାଜ୍ୟ ଉଠାଜଳସେଚନ ନିଗମର ଅଧକ୍ଷ ରଘୁନାଥ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି। ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ଆଙ୍ଗୋ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗୁରୁଦିବସ ଅବସରରେ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ. ତପନ କୁମାର ବେହେରା ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଇସ୍‌ପ୍ରିନ୍ସପାଲ ରୀତା ବେହେରା, ଅଧ୍ୟାପିକା ସୁପ୍ରଭା ଗିରି, ପୁଷ୍ପଲତା ନାୟକ, ସ୍ୱର୍ଣ୍ଣରେଖା ଦାସ, ଭକ୍ତିଲତା ମହାନ୍ତି, ସମିତିସଭ୍ୟ ସତ୍ୟନାରାୟଣ ମହାପାତ୍ର, ଅଧ୍ୟାପକ ସରୋଜ କୁମାର ସାହୁ, ପ୍ରିୟବ୍ରତ ମହାନ୍ତି, ଅବନୀ ପଣ୍ଡା ଓ ନିର୍ମଳ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧକ୍ଷା ମିନତୀ ରାଣୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ରତନ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭରେ ଗୁରୁ ପୂଜା ସମ୍ପନ୍ନ ସହ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସୁନାମି ମୁକାବିଲା ପାଇଁ ପ୍ରସ୍ତୁତି

**ରେମୁଣା, ୫।୯ (ଡି.ଏନ.ଏ.):** ରେମୁଣା ବ୍ଲକ ତୁଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଖଡୁପାହି ବାତ୍ୟା ଆଶ୍ରୟସ୍ଥଳ, କର୍ଣ୍ଣଦୀ ଓ ଦେଉଳବାଡ଼ ଉପ୍ରା ବିଦ୍ୟାଳୟରେ ବୁଧବାର ପଞ୍ଚାୟତସ୍ତରୀୟ ସୁନାମି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଜୟ କୁମାର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ବିଡିଓ ସଞ୍ଜୟ କୁମାର ରାଉତ ଯୋଗଦେଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରୁ ୨ଶହ ମିଟର ଭିତରେ ଥିବା ଲୋକମାନଙ୍କୁ ସୁନାମି ସମୟରେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସତର୍କ କରାଇଥିଲେ। ଏବିଡିଓ ମୋହନ ଚରଣ ନାୟକ, ସମିତିସଭ୍ୟା ସୁମିତା ନାୟକ, ନରୋତ୍ତମ କୁଅଁର, ଶିମତ କୁମାର ଭୋଇ, ଅତିରିକ୍ତ ତହସିଲଦାର ଅନନ୍ଦିତା ଆଚାର୍ଯ୍ୟ, ଜି.ଆର୍.ଏସ୍. ଗୁରୁକୁର୍ଣ୍ଣ ଦାସ, ୱାର୍ଡସଭ୍ୟା ଲକ୍ଷ୍ମୀପ୍ରିୟା ବଳ, ୱାର୍ଡସଭ୍ୟ ଶଶଧର ପ୍ରଧାନ, ଅନାଦିନାୟକ, କାର୍ତ୍ତିକ ବେହେରାଙ୍କ ସମେତ ଆଶ୍ରୟସ୍ଥଳୀର ସଭାପତି ହରେକୃଷ୍ଣ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ସୁନାମି ମୁକାବିଲା ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଗୁରୁ ଦିବସ



ଶିକ୍ଷାନୁଷ୍ଠାନରେ ଡ. ରାଧାକ୍ରିଷ୍ଣନଙ୍କୁ ବନ୍ଦନା କରାଯାଉଛି।

**ବାଲେଶ୍ୱର ଅଫିସ/ସୋର/ବାହାନଗା, ୫।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରସାଲପୁର ଉଚ୍ଚ ବିଦ୍ୟାଳୟରେ ବୁଧବାର ଗୁରୁଦିବସ ପାଳିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ସମିତିସଭ୍ୟ ରମେଶ ଚନ୍ଦ୍ର ଦାସ, କମିଟି ସଦସ୍ୟ ଭାଗିରଥି ପଣ୍ଡା, ଡ. ସତ୍ୟନାରାୟଣ ମହାପାତ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ରାଧାକ୍ରିଷ୍ଣନଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ନାଥ ଶତପଥୀଙ୍କ ଦ୍ୱାରା ଶିକ୍ଷୟିତ୍ରୀ ପ୍ରୀତିର୍ଥିନୀ ପ୍ରତ୍ୟୁମା ପଲାଇଙ୍କୁ କୃତୀ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯାଇଥିଲା। ସାଧାରଣଜ୍ଞାନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀ ସତ୍ୟଜିତ୍ ମହଲ, ତନିସ୍ପା ମଲିକ ଓ ରାଜେଶ ସେଠୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ସୋରର ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ ହୋଇଯାଇଛି । ସୋର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଗୁରୁଦିବସ ପାଳିତ ହୋଇଯାଇଛି । ସଂଘର ସମ୍ପାଦକ ରମାକାନ୍ତ ମହାନ୍ତି, ସଭାପତି ଲକ୍ଷ୍ମିନାରାୟଣ ଜେନାଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର କୁମାର ପ୍ରଧାନ, ଦାସିରଥି ନାୟକ, ଚିତ୍ତରଞ୍ଜନ ପଣ୍ଡା, ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସଭାରେ ଅନୁଷ୍ଠିତ ହୋଇଥିଲା ।

ବାହାନଗା ବ୍ଲକ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ମାନେ ବିଦ୍ୟାଳୟକୁ ଆସି ଗୁରୁ ଦିବସ ପାଳନ କରିଥିଲେ। ଏହି ଅବସରରେ ଜାଗେଶ୍ୱରପଦା ସରସ୍ୱତୀ ଶିଶୁ ମନ୍ଦିରରେ ଆଡମ୍ବର ସହିତ ଗୁରୁଦିବସ ପାଳନ କରାଯାଇଥିଲା । ଗୁରୁ ଉତ୍ତମ ମଣିଷ ଗଢ଼ିବାର ମୁଖ୍ୟ ଭୂମିକା ବୋଲି ଅନୁଷ୍ଠିତ ସଭାରେ ଅତିଥି ମାନେ ପ୍ରକାଶ କରିଥିଲେ। ସେହିପରି ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜନ କରିବା ସହିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡା ଯୋଗ ଦେଇଥିଲେ ।

## ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ଜବରଦଖଲ ଉଚ୍ଛେଦ
# ବାସହୀନ ହେଲେ ଶତାଧିକ ପରିବାର

**ଜଳେଶ୍ୱର, ୫।୯ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଦେଇ ଯାଇଥିବା ୫୭ ନଂ. ରାଜ୍ୟ ରାଜପଥ ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱରରେ ନୂଆବଜାର ରେଳ ଲେଭଲ କ୍ରସିଂ ନିକଟରେ ଓଭରବ୍ରିଜ୍ ନିର୍ମାଣ ସକାଶେ ବୁଧବାର ଦ୍ୱିତୀୟ ଦିନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପୋଲିସଓ ପ୍ରଶାସନିକ ଅଧିକାରୀମାନେ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨ ଟି ବଡ଼ ଜେସିବି ମେଶିନ ସହାୟତାରେ ଉଚ୍ଛେଦ କାର୍ଯ୍ୟ କରିଥିଲେ। ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ହୋଇଥିବା ଉଚ୍ଛେଦରେ ଶତାଧିକ ପରିବାର ବାସହରା ହୋଇଛନ୍ତି। ବିକାଶ କାର୍ଯ୍ୟ ଲାଗି ସେମାନେ ଏଥିରେ ପ୍ରଶାସନକୁ ସହଯୋଗ କରି ଥଇଥାନ ଦାବି କରିଛନ୍ତି।



ଉଚ୍ଛେଦ କାର୍ଯ୍ୟ ବେଳେ ଲୋକଙ୍କ ଗହଳି।

ସ୍ଥାନୀୟ ସବ୍‌ରେଜିଷ୍ଟ୍ରି ଅଫିସ ନିକଟରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ୨ୟ ଦିନରେ ନୂଆବଜାର ସ୍ଥିତ ଦୁର୍ଗା ମନ୍ଦିର ପାଖରେ ସରିଥିଲା। ଶତାଧିକ ଅସ୍ଥାୟୀ ଛପର ଗୃହ ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ଥାୟୀ ପକ୍କାଗୃହ ଉଚ୍ଛେଦ କରାଯାଇଥିବା ଜଣାପଡିଛି। ତେବେ ହାଇକୋର୍ଟଙ୍କ ରହିତାଦେଶ ଯୋଗୁ କୋର୍ଟ କମ୍ପ୍ଲେକ୍ସରେ ଥିବା ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇ ନ ଥିଲା। ମାଜିଷ୍ଟ୍ରେଟଙ୍କ ଦାୟିତ୍ୱରେ ଥିବା ସ୍ଥାନୀୟ ତହସିଲଦାର ଅଭିମନ୍ୟୁ ପଣ୍ଡା, ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ, ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ,ପୂର୍ତ୍ତବିଭାଗର ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ସେଠୀ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ ଏବଂ ନେସ୍କୋ କନିଷ୍ଠଯନ୍ତ୍ରୀ ଇଂ ରଞ୍ଜିତ ବେହେରା ପ୍ରମୁଖ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଦୁଇଦିନ ଧରି ଉଚ୍ଛେଦ କାର୍ଯ୍ୟ ଲାଗି ବିଦ୍ୟୁତ ସରବରାହ ବନ୍ଦ ରଖାଯିବାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ବର୍ଷା ଋତୁରେ ଉଚ୍ଛେଦ ହୋଇଥିବା ଲୋକଙ୍କୁ ତୁରନ୍ତ ଥଇଥାନ କରିବା ଏବଂ ସେମାନଙ୍କୁ ପଲିଥିନ ଓ ରନ୍ଧାଖାଦ୍ୟ ଯୋଗାଇଦେବାକୁ ଦାବି କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜି ନ ଥିବା ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ବାସୁଦେବପୁର
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଇରମ ପଞ୍ଚାୟତର ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ସଂକ୍ଷେପରେ

### ବଜ୍ରପାତରେ ୨ ଆହତ

**ଭଣ୍ଡାରିପୋଖରୀ,୫।୯(ଡି.ଏନ.ଏ.)**- ବୁଧବାର ପୂର୍ବାହ୍ନରେ ବଜ୍ରପାତ ଘଟି ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ଗଣେଶ ସାମଲ(୧୭) ଓ ଅଞ୍ଜଳି ଜେନା(୨୫) ଆହତ ହୋଇଛନ୍ତି। ଗଣେଶ ବିଲକୁ ପାଣି ଦେଖିବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବଜ୍ରପାତ ଯୋଗୁ ତାଙ୍କ ପେଟରେ ଆଘାତ ଲାଗିଛି। ସେହିପରି ଅଞ୍ଜଳି ତାଙ୍କ ଦାଣ୍ଡ ପିଣ୍ଡାରେ ବସିଥିବା ବେଳେ ବଜ୍ରପାତ ଘଟି ତାଙ୍କ ବାମହାତ ଓ ପିଠି ପୋଡ଼ି ଯାଇଛି। ଆହତଦ୍ୱୟଙ୍କୁ ଯାଜପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ଗୁରୁଦିବସରେ ପ୍ରତିଯୋଗିତା

**ଭଦ୍ରକ ଅଫିସ,୫।୯**-ଭଦ୍ରକ ବ୍ଲକ ସାହାଡ଼ା ଧର୍ମଶରଣବିନ୍ଧା ଲାଲାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଗୋପୀ-ମିନତି ପ୍ରତିଷ୍ଠାନ ତରଫରୁ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସମ୍ମାନନୀୟ ଅତିଥି ଭାବେ ହରେକୃଷ୍ଣ ବେହେରା ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରାର ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଚାରକ ଭାବେ ଜୀବନଜ୍ୟୋତି ପାଣିଗ୍ରାହୀ ଓ ସୁଶାନ୍ତ ମହାକୁଡ଼ ଯୋଗ ଦେଇଥିଲେ। ପ୍ରତିଷ୍ଠାତା କିଶୋର କୁମାର ନାୟକ ଓ ପ୍ରଧାନ ଶିକ୍ଷକ ହରିବନ୍ଧୁ ପ୍ରଧାନ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ସହ ପୁରସ୍କାର ବିତରଣ କରିଥିଲେ। ଶେଷରେ ଧୀରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ତିହିଡ଼ି ପ୍ରେସ୍ କ୍ଲବ ପୁନର୍ଗଠିତ

**ତିହିଡ଼ି,୫।୯(ଡି.ଏନ.ଏ.)**-ଭଦ୍ରକ ଜିଲା ତିହିଡ଼ି ପ୍ରେସ୍ କ୍ଲବ ପୁନର୍ଗଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ତିହିଡ଼ି ଡାକବଙ୍ଗଳା ପରିସରରେ ମାନସ ରଞ୍ଜନ ନାୟକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରେସ୍ କ୍ଲବର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ କ୍ଲବର ସଭାପତି ଭାବେ ସଞ୍ଜିତ୍ କୁମାର ବଳ, ଉପସଭାପତି ସଞ୍ଜୟ ଦାସ, ସମ୍ପାଦକ ମାନସ ରଞ୍ଜନ ନାୟକ, ସହ ସମ୍ପାଦକ ରାଜେଶ କୁମାର ସେଠୀ ଓ କୋଷାଧ୍ୟକ୍ଷ ଆଲୋକ ବିକାଶ ପ୍ରିୟଦର୍ଶୀ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ରାମନାରାୟଣ ନାୟକ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଓ ପ୍ରଭାତ ରାଉଳ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋଜ ଦାସ, ତ୍ରିଲୋଚନ ମହାଳିକ, ଅଶୋକ ପାଢ଼ୀଙ୍କୁ ରଖା ଯାଇଛି ।

### ୭ରେ ବିଧାନସଭା ଘେରିବ କୃଷକ ସାଥୀ ସଂଘ

**ବନ୍ତ,୫।୯(ଡି.ଏନ.ଏ.)**-କୃଷକ ସାଥୀ ସଂଘ ପକ୍ଷରୁ ଆସନ୍ତା ୭ ତାରିଖରେ ବିଧାନସଭା ଘେରାଉ କରାଯିବ। ବନ୍ତ ବ୍ଲକ ସଂଘ ପକ୍ଷରୁ ବୁଧବାର ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପର୍ଶୁରାମ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କୃଷକ ସାଥୀଙ୍କ ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆନ୍ଦୋଳନରେ ବ୍ଲକର ସମସ୍ତ କୃଷକ ସାଥୀ ଯୋଗଦେବାକୁ ନିଷ୍ପତ୍ତି ହୋଇଥିଲା। ଉପସଭାପତି ଗଣେଶ ରାଉତ, ସମ୍ପାଦକ ରାଧାକାନ୍ତ ଆଇଚ, ପଞ୍ଚାନନ ଦାସ, ଗୌରୀଶଙ୍କର ମହାନ୍ତି, ଗୋପବନ୍ଧୁ ଜେନା, ସୁରେନ୍ଦ୍ର ରାଉତ, ଲକ୍ଷ୍ମୀଧର ପଣ୍ଡା, ଧୀରେନ୍ଦ୍ର ପଡିଆରୀ, ପଦ୍ମନାଭ ସ୍ୱାଇଁ, ଦେବେନ୍ଦ୍ର ପଡିଆରୀପ୍ରମୁଖ ଉପସ୍ଥିତ ଥିଲେ।

### ସଂଗ୍ରାମୀ ହନିଫଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି

**ଭଦ୍ରକ ଅଫିସ, ୫।୯**-ସ୍ୱାଧୀନତା ସଂଗ୍ରାମୀ ହନିଫ ମହମ୍ମଦ ଖାଁଙ୍କ ୫୧ତମ ଶ୍ରାଦ୍ଧ ଦିବସ ପାଳନ ପାଇଁ ଭଦ୍ରକ ପୁରୁଣାବଜାର ଫେଲୋସିପ୍‌ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଏମ୍ ଫାରୁକ ଏଥିରେ ଅଧକ୍ଷତା କରିଥିଲେ। ସଂଗ୍ରାମୀ ହନିଫ୍ ମହମ୍ମଦ ଖାଁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ତାଙ୍କ ଜୀବନୀ ପ୍ରକାଶ ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଆସନ୍ତା ଅକ୍ଟୋବର ୬ ତାରିଖରେ ଭଦ୍ରକଠାରେ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସାମାଜିକ କର୍ମୀ ସୁଧାକର ରାଉତ, ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ପ୍ର. ଅଟଳ ବିହାରୀ ନାୟକ, ପ୍ର.କୈଳାସ ଚନ୍ଦ୍ର ଜେନା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ପ୍ରଶାନ୍ତଙ୍କ କାନ୍ଧରେ ସଂସାର ବୋଝ

**ଆରଡି,୫।୯(ଡି.ଏନ.ଏ.)**

- ନିତିଦିନ ଗାଁ ଗାଁ ବୁଲି ଫେରି କରନ୍ତି
- ପରିଶ୍ରମ ଓ ନିଷ୍ଠା ତାଙ୍କୁ କରିଛି ଆତ୍ମନିର୍ଭରଶୀଳ
- ନିଜ ପାଇଁ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ

ପିଲାଦିନୁ ତାଙ୍କ ବାମ ପାଦ ବଙ୍କା। ବେଶି ବାଟ ଚାଲି ପାରନ୍ତି ନାହିଁ। ୫୦ ପ୍ରତିଶତରୁ କମ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ତାଙ୍କୁ ମିଳିଛି। କିନ୍ତୁ ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ଗାଁ ଗାଁ ବୁଲି ଫେରି କରିବା ବେପାରକୁ ଆଦରି ସେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ରାତି ପାହିଲେ ଏକ ବଡ ବ୍ୟାଗ୍‌କୁ କାନ୍ଧରେ ପକାଇ ସେ ଘରୁ ବାହାରି ପଡନ୍ତି। ଚାଲି ଚାଲି ବିଭିନ୍ନ ଗାଁକୁ ଯାଇ ଅଳତା, ସିନ୍ଦୂର, କାଚ, ଶଙ୍ଖା ସମେତ ଅନ୍ୟାନ୍ୟ ଷ୍ଟେସନେରି ଜିନିଷ ଓ ଶାଢି, ସାୟା, ବ୍ଲାଉଜ ଆଦି ବିକ୍ରିବଟା କରନ୍ତି। ଆଜିକାଲି ପାଠପଢୁଆ ଝିଅମାନେ ଲେଡିଜ କର୍ଣ୍ଣର ଭଳି ଦୋକାନରୁ ପ୍ରସାଧନୀ ଜିନିଷ କିଣିବାକୁ ପସନ୍ଦ କରୁଥିଲେ ମଧ୍ୟ ସେ ସମସ୍ତଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବେପାର ବଢାଇ ପାରିଛନ୍ତି।

ଏହି ଦିବ୍ୟାଙ୍ଗ ଫେରି ବେପାରୀ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ପ୍ରଶାନ୍ତ ସାହୁ (୩୦)। ଭିନ୍ନକ୍ଷମତା ପାଖରେ ହାର ନ ମାନି ଆତ୍ମନିର୍ଭରଶୀଳ ହେବା ଲାଗି ସେ ଗାଁ ଛକରେ ଦୋକାନ ଆରମ୍ଭ କରିଥିଲେ। ସେଥିରେ ସଂସାର ଚଳାଇ ହେଲା ନାହିଁ। ସେବେଠାରୁ ଫେରି ବ୍ୟବସାୟ ଆରମ୍ଭ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାର ଲୋକେ ମଧ୍ୟ ତାଙ୍କୁ ଏଥିରେ ସହଯୋଗ କରୁଛନ୍ତି। ପ୍ରଶାନ୍ତ କହନ୍ତି, ପ୍ରତିଦିନ ସେ ନିଜ ଗାଁଠାରୁ ୨୦ କି.ମି. ପରିଧି ମଧ୍ୟରେ ବିଭିନ୍ନ ଗାଁକୁ ଯାଇ ଫେରି କରିଥାନ୍ତି। ତିହିଡିର


ପ୍ରଶାନ୍ତ ଜିନିଷ ବିକିବାକୁ ଗାଁକୁ ଯାଉଛନ୍ତି।

ଉପରଦ୍ରୁମୁକା, ତଳଦ୍ରୁମୁକା, ଧାମନଗରର ରଇପୁର, କଣ୍ଟିକା, ବାଙ୍କସାହି, ଚାନ୍ଦବାଲି ବ୍ଲକର ପାରଡିଆ, ଚମ୍ପାସାହି, କୁଳେଇପଦା, ଓଳଗ, ଷାଠିବାଙ୍କୁଡା, ବୋଡକ, ଯାଜପୁର ଜିଲାର କୟାଁ, ଇଚ୍ଛାପୁର, ବଳରାମପୁର ନାରଣପୁର ଆଦି ୩୦ ଖଣ୍ଡ ଗାଁ ତାଙ୍କ ବ୍ୟବସାୟର ଲକ୍ଷ୍ୟସ୍ଥଳ। ଦିନତମାମ ଏସବୁ ଗାଁରେ ସମୟ ବିତାଇ କାହାରି ଘରେ ମଧ୍ୟାହ୍ନଭୋଜନ କରି ସନ୍ଧ୍ୟାରେ ଘରକୁ ଫେରି ଆସନ୍ତି। ବୃଦ୍ଧ ପିତାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଗାଁ ଛକ ଦୋକାନରେ ସେ ରାତି ୯ଟା ପର୍ଯ୍ୟନ୍ତ ବସନ୍ତି। ରାତି ୧୦ଟା ବେଳକୁ ଦୋକାନ ବନ୍ଦ କରି ଘରକୁ ଫେରି ପରଦିନ ଫେରି କାମ ସକାଶେ ବ୍ୟାଗ୍ ସଜାଇ ରଖନ୍ତି । ସ୍ତ୍ରୀ ଭାରତୀ ପ୍ରସ୍ତୁତ କରିଥିବା ଖାଦ୍ୟ ଖାଇ ବିଶ୍ରାମ ନିଅନ୍ତି।

ପ୍ରଶାନ୍ତ କହନ୍ତି, ଗ୍ରାହକଙ୍କ ମନ ଜିଣିବା ଲାଗି ବଜାରକୁ ଆସୁଥିବା ବିଭିନ୍ନ ନୂଆ ନୂଆ ଜିନିଷ ସଂଗ୍ରହ କରିଥାନ୍ତି। ଗାଁ ଗାଁ ବୁଲି ଉଚିତ ମୂଲ୍ୟରେ ଏସବୁ ସାମଗ୍ରୀ ବିକ୍ରି କରୁଥିବାରୁ ଗ୍ରାହକମାନେ ଏହାକୁ ଆଦରରେ କିଣି ନେଇଥାନ୍ତି। ଉତ୍ତମ ବ୍ୟବହାର ଓ ସମ୍ପର୍କ ଯୋଗୁ ବେପାର ବଢାଇବାରେ କିଛି ଅସୁବିଧା ହେଉ ନାହିଁ। ସ୍ତ୍ରୀ ଭାରତୀ, ଝିଅ ସୁଭଦ୍ରା, ବାପା ସନ୍ନ୍ୟାସୀ, ୨ ଭାଇ ଓ ୨ ଭାଉଜ ଓ ସେମାନଙ୍କ ୪ ପିଲାଙ୍କୁ ନେଇ ତାଙ୍କ ସଂସାର। ଆଗକୁ ଝିଅ ସୁଭଦ୍ରାଙ୍କୁ ପାଠ ପଢାଇ ମଣିଷ କରିବା ଲକ୍ଷ୍ୟରେ ସେ ପ୍ରତିଦିନ କଠିନ ପରିଶ୍ରମ କରୁଥିବା କହିଛନ୍ତି।

ଗରିବ ହୋଇ ଥିଲେ ବି ପ୍ରଶାନ୍ତ ବେଶ୍ ଉଚ୍ଚମନା। ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ନିୟୋଜିତ କରିଥାନ୍ତି। ଲୋକଙ୍କ ସହ ମିଶି ବୃକ୍ଷରୋପଣ ଭଳି ଗାଁର ବିକାଶ ଲାଗି ବିଭିନ୍ନ କାମ ବିନା ଦ୍ୱିଧାରେ କରିଥାନ୍ତି। ସରକାରୀ ସହାୟତା ପାଇବା ଆଶା ରଖି ସେ ଆବେଦନ କରିଥିବା କହିଛନ୍ତି। ସବୁଠୁ ବେଶି ନିଜ କର୍ମକୁ ବିଶ୍ୱାସ ରଖି ସେ ଆଗକୁ ଚାଲିଥିବା କହିଛନ୍ତି।

# ଆଦାନୀ ଫାଉଣ୍ଡେଶନ ପକ୍ଷରୁ ୨ ଶିକ୍ଷାବିତ୍‌ଙ୍କୁ ସମ୍ମାନ

**ଭଦ୍ରକ ଅଫିସ,୫।୯**

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨ ଜଣ ଶିକ୍ଷାବିତ୍‌ଙ୍କୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି। ବୁଧବାର ଧାମରା ପୋର୍ଟ ପରିସରରେ ଗୁରୁଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଖଚାନ୍ଦ ମାନା ଏମ୍ଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଦାସ ଓ ବଇଁଚୁଆ ୟୁଜିଏମ୍ଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ପାଣିଗ୍ରାହୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୋର୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଦୁଇ ଶିକ୍ଷକଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଙ୍କୁ ଗୁରୁଦିବସ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଆଦାନୀ ଡିଏଭି ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଧାମରା ପୋର୍ଟର ବହୁ କର୍ମଚାରୀ ଓ ଆଦାନୀ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଧାମରା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶିକ୍ଷକତା କରି ଶିକ୍ଷା ଓ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶରେ ସହାୟକ ହୋଇଥିବା ଏହି ୨ ଶିକ୍ଷକଙ୍କୁ ଗୁରୁଦିବସ ଉପଲକ୍ଷେ ଗୁରୁ ସମ୍ମାନ ଲାଗି ଚୟନ କରାଯାଇଥିଲା।


ଉତ୍ସବରେ ସମ୍ମାନିତ ହୋଇଥିବା ଦୁଇ ଶିକ୍ଷାବିତ୍ ଓ ଅନ୍ୟମାନେ।

■ ଖାଉଟି ସାମଗ୍ରୀକୁ ନେଇ ରାଜନୀତି ଜୋରଦାର

# ବିଡିଓଙ୍କୁ ଭେଟିଲେ ହିତାଧିକାରୀ

**ତିହିଡ଼ି,୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ହରସିଂହପୁର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନକୁ ନେଇ ରାଜନୀତି ଜୋରଦାର ହୋଇଛି । ପଞ୍ଚାୟତରେ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ କେତେକ ହିତାଧିକାରୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ମଙ୍ଗଳବାର ଏନେଇ ପଞ୍ଚାୟତର ଶତାଧିକ ହିତାଧିକାରୀ ବିଡିଓଙ୍କୁ ଭେଟିଛନ୍ତି। ପଞ୍ଚାୟତରେ ଠିକ୍ ରୂପେ ସାମଗ୍ରୀ ବଣ୍ଟନ ହେଉଥିବା ବେଳେ କେତେକ ବ୍ୟକ୍ତି ରାଜନୈତିକ ଶତ୍ରୁତାରୁ ମିଥ୍ୟା ଅଭିଯୋଗ କରିଥିବା ସେମାନେ


ବିଡିଓଙ୍କୁ ଭେଟିବାକୁ ଆସିଥିବା ହରସିଂହପୁର ପଞ୍ଚାୟତର ହିତାଧିକାରୀମାନେ।

ଦର୍ଶାଇଥିଲେ । ଏହି ପରିପ୍ରେକ୍ଷୀରେ ସାମଗ୍ରୀ ବଣ୍ଟନରେ କୌଣସି ବିଶୃଙ୍ଖଳା ନ ଉପୁଜାଇବାକୁ ସେମାନେ ଦାବି ଜଣାଇଥିଲେ। ନାଏବ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ୱାର୍ଡ ସଦସ୍ୟ ପ୍ରଭାକର କର, ବିଜୟ ଜେନା, ବୀରକିଶୋର ଜେନା, ମହେଶ୍ୱର ବେହେରା, ଧନେଶ୍ୱର ଜେନା, ଶଙ୍କର୍ଷଣ ଦାସ, ମୁରଲୀ ଜେନା, ଶଶୀଧର ପାଢ଼ୀ, ରାଜକିଶୋର ଖଟୁଆ ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ । ବିଡିଓ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ପଞ୍ଚାୟତରେ ଖାଉଟି ସାମଗ୍ରୀ ଠିକ୍ ରୂପେ ବଣ୍ଟନ ହେଉଛି କି ନାହିଁ ତାହାର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ

**ଆରଡି, ୫।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ସାଆଁଳପୁର ବିଦ୍ୟୁତ୍ ଷ୍ଟ୍ରକ୍ଚର ଅଧୀନ ଆରଡ଼ି ଅଞ୍ଚଳରେ ଗତ ୧୫ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରାତି ୨ ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଆଖଣ୍ଡଳମଣି ପୀଠ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ମନ୍ଦିର ସମେତ ଆଖପାଖ ସ୍ଥାନ ଅନ୍ଧକାର ରହିବାରୁ ଶ୍ରଦ୍ଧାଳୁମାନେ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ଏହାର ପ୍ରଭାବରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ, ଡାକ୍ତରଖାନା, ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କେବଳ ଆରଡ଼ି ନୁହେଁ ଆଖପାଖ ପଞ୍ଚାୟତର ଲୋକେ ମଧ୍ୟ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ପ୍ରଭାବିତ ହୋଇଥିବା ଅଭିଯୋଗ ହେଉଛି। ବିଦ୍ୟୁତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଏଭଳି ସମସ୍ୟା ଉପୁଜୁଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀ ଗ୍ରାହକଙ୍କୁ ଖରାପ ବ୍ୟବହାର ଦେଖାଇବା ସହ ଏହି ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ନ ହେଲେ କିଛି ଅସୁବିଧା ନାହିଁ ବୋଲି ମନ୍ତବ୍ୟ ଦେଇଥିବା ବେତାଳିଗାଁ, ପାଳସାହି, ସାଆଁଳପୁର ଆଦି ଗାଁର ଲୋକେ ଅସୁରାଳି ଉପଖଣ୍ଡ ଅଧିକାରୀ ଓ ଭଦ୍ରକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଅସୁରାଳି ଉପଖଣ୍ଡ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, ବର୍ଷା ପାଗ ଯୋଗୁ ଏଭଳି ସମସ୍ୟା ଉପୁଜୁଛି। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ।

**ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ହେର୍‌ଫେର**

# ବିଡିଓଙ୍କ ତଦନ୍ତ ନିର୍ଦ୍ଦେଶ

**ବାସୁଦେବପୁର,୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତରେ ଗତ ୨୦୧୫-୧୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ବ୍ୟାପକ ହେର୍‌ଫେର ହୋଇଥିବା ଘଟଣା ପଦାକୁ ଆସିଛି। ଏହି ପଞ୍ଚାୟତର ଭାଗପୁର ଗ୍ରାମର ୨ ହିତାଧିକାରୀ ବାପ, ପୁଅଙ୍କ ନାମରେ ତଞ୍ଚକତା କରି ପ୍ରଧାନମନ୍ତ୍ରୀ ଆବାସ ଗୃହ କାଗଜପତ୍ର ପ୍ରସ୍ତୁତ କରାଯାଇ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ ହୋଇଛି। ଏନେଇ କେତେକ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବେଆଇନ କାର୍ଯ୍ୟରେ ପଞ୍ଚାୟତର ଜଣେ କର୍ମଚାରୀଙ୍କ ହାତ ଥିବା ସନ୍ଦେହ କରାଯାଉଥିବା ବେଳେ ବ୍ଲକରେ ଆଉ କେଉଁ କର୍ମଚାରୀଙ୍କ ସମ୍ପୃକ୍ତି ଅଛି ତାହା ତଦନ୍ତସାପେକ୍ଷ ହୋଇଛି। ସେହିପରି ୨ ଗୃହ ବାବଦ ଅର୍ଥ ସହ ବୋନସ ଟଙ୍କା ଓ ଜବ୍‌କାର୍ଡ ଟଙ୍କା ହଡ଼ପ କରାଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ କହିଛନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

# ନିଷ୍କାସିତ ହୋଇପାରୁନି ବର୍ଷାପାଣି

**ବାସୁଦେବପୁର,୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆର୍ତ୍ତୁଂ ପଞ୍ଚାୟତର ୧୦ ଓ ୧୨ ନମ୍ବର ୱାର୍ଡର କେତେକ ସରକାରୀ ଜାଗା ଓ ନାଳକୁ କେତେକ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ଉକ୍ତ ୱାର୍ଡରୁ ବର୍ଷାପାଣି ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ଏହି ଦୁଇ ୱାର୍ଡର ୨୦ରୁ ଉର୍ଦ୍ଧ୍ୱ ପରିବାର ଏକପ୍ରକାର ନଳବନ୍ଦୀ ଅବସ୍ଥାରେ ରହିଛନ୍ତି। ୧୦ ନମ୍ବର ୱାର୍ଡ ଅଧୀନ ଶଂଖାରୋ ଗ୍ରାମର ବଧି ପୋଖରୀରୁ ବର୍ଷାପାଣି ନିଷ୍କାସିତ ହୋଇପାରୁନି। ଜଳ ନିଷ୍କାସନ ରାସ୍ତାକୁ ଅବରୋଧ କରାଯାଇ ଥିବାରୁ ୧୦ରୁ ଉର୍ଦ୍ଧ୍ୱ ପରିବାର ଜଳଘେରରେ ରହୁଛନ୍ତି। ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ରାସ୍ତା ଓ ଘର ଚାରିପାଖରେ ଜମି ରହୁଛି। ଫଳରେ ଉକ୍ତ ପରିବାର ଲୋକେ ଚଳାଚଳ କରିବାରେ ଅସୁବିଧା ଭୋଗୁଛନ୍ତି। ଏହି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବାସୁଦେପୁର ଥାନା ଆଇଆଇସି ଉମାଶଙ୍କର ନାୟକ, ସରପଞ୍ଚଙ୍କ ପ୍ରତିନିଧି ଗୌତମ ସେଠୀ ପ୍ରମୁଖ ଏହି ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ୧୨ ନମ୍ବର ୱାର୍ଡରେ ମଧ୍ୟ ଅନୁରୂପ ସମସ୍ୟା ଲାଗି ରହିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ

**ଧାମନଗର,୫।୯(ଡି.ଏନ.ଏ.)**– ଧାମନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ଅସୁରାଳୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡ଼ା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ପ୍ରତାପ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଖଡ଼ିପଦା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟାପକ ରବିନାରାୟଣ ନନ୍ଦ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନିରାକାର ଧଳ, ପୂର୍ବତନ ସିଆର୍‌ସିସି ହେମେନ୍ଦ୍ର ନାଥ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ସରକାରୀ ବିଦ୍ୟାଳୟ ସମେତ ଧାମନଗର, ଚୁଡାକୁଟି, ଆନନ୍ଦପୁର, ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକ ସମାବେଶ, ସମ୍ବର୍ଦ୍ଧନା ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଚାନ୍ଦବାଲି,୫।୯(ଡି.ଏନ.ଏ.)**

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଚାନ୍ଦବାଲି ଶାଖା ପକ୍ଷରୁ ବୁଧବାର ଗୁରୁଦିବସ ଅବସରରେ ବିଜୁ ସ୍ମୃତି ଭବନରେ ବ୍ଲକସ୍ତରୀୟ ଶିକ୍ଷକ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ ଜଣଙ୍କୁ ଶିକ୍ଷକ ଗୌରବ ସମ୍ମାନ, ୬୦ ଶିକ୍ଷକଙ୍କୁ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇ ଥିବାବେଳେ, ସାମାଜିକ କର୍ମୀ ଓ ଖବରଦାତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସଂଘର ବ୍ଲକ ସଭାପତି ପ୍ରଫୁଲ୍ଲ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ମୁଖ୍ୟବକ୍ତା ଭଦ୍ରକ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗ ଦେଇଥିଲେ। ଡିଏଫ୍‌ଓ ଅମ୍ଳାନ ନାୟକ, ବିଇଓ ପ୍ରଣୟ ନାୟକ, ଜିଲା ବିଜ୍ଞାନ ସଂଯୋଜକ ସରୋଜ ପ୍ରଧାନ, ଏବିଇଓ ମଞ୍ଜୁଳାବାଳା ନାୟକ, ଇକୋ କ୍ଲବର ଜିଲା ସଂଯୋଜକ ଅନିଲ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ସାମାଜିକ କର୍ମୀ ସୁଧୀର ମହାନ୍ତି, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁଶାନ୍ତ ମଲ୍ଲିକ ଅତିଥି ପରିଚୟ ପ୍ରଦାନ, ସୁଦର୍ଶନ ସ୍ୱାଇଁ ସ୍ୱାଗତ ଭାଷଣ, ଗଣଶିକ୍ଷକ ସଂଘ ସଭାପତି ଶିବବ୍ରତ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ବିପନ୍ନଙ୍କୁ ରିଲିଫ୍ ବାଣ୍ଟିଲା ଯୁବମଞ୍ଚ

**ତିହିଡ଼ି,୫।୯(ଡି.ଏନ.ଏ.)**–ତିହିଡ଼ି ଯୁବମଞ୍ଚ ପକ୍ଷରୁ ବିଲଣା ପଞ୍ଚାୟତରେ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ପଞ୍ଚାୟତର ବିଲଣା ଶାଶନ, ନୟାପାଟଣା, କେରଡିହ, ମହାଳିକ ସାହି ଇତ୍ୟାଦି ଗ୍ରାମର ବିପନ୍ନମାନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ ଇତ୍ୟାଦି ପ୍ରଦାନ କରାଯାଇଛି। ଏଥିସହିତ ବନ୍ୟା ସମୟରେ ନିରାପତ୍ତା ନେଇ ମଞ୍ଚ ପକ୍ଷରୁ ବିପନ୍ନଙ୍କୁ ସଚେତନ କରାଯାଇଥିଲା। ସଭାପତି କୈଳାସ ବେହେରା, ଉପସଭାପତି ଅନିଲ ନାୟକ, ଦୀପକ ନାଥ, ନିରଞ୍ଜନ ବାରିକ, ସୌମ୍ୟ ଗୋପାଳ ନାୟକ, ତପୁନ ପାଣି, ଶିଲୁ ବେହେରା, ବିକାଶ ଲେଙ୍କା, ରଞ୍ଜୁଲତା ଗାହାଣ, ସୁମନ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ଦିବସରେ ସମ୍ବର୍ଦ୍ଧନା


ଶାରଦା ବିଦ୍ୟାମନ୍ଦିରରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଣ୍ଡାରିପୋଖରୀ,୫।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଶାରଦା ବିଦ୍ୟାମନ୍ଦିରରେ ଗୁରୁ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ନାୟକ ଯୋଗଦେଇ ସବୁ ବୃତ୍ତିଠାରୁ ଶିକ୍ଷକତା ବୃତ୍ତି କଠିନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭାସ୍କର ଚନ୍ଦ୍ର ନାୟକ, ହାରାମଣୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସାବିତ୍ରୀ ସାହୁଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଲୁସିମା ନାୟକ ଓ ବିଶ୍ୱପ୍ରଭା ପଲେଇ ମାନପତ୍ର ପାଠ କରିଥିଲେ। ପିଲାଙ୍କ ଦ୍ୱାରା ଗୀତ, ନୃତ୍ୟ ଓ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇଥିଲା। ସୁଶାନ୍ତ ସେନାପତି ଅତିଥି ପରିଚୟ ଓ ରଶ୍ମିତା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇନ୍ଦୁମତୀ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଶିଶୁମାନେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ପୂଜା କରିବା ପରେ ଗୁରୁମା ଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏଥିସହ ନିଜର ମାତାପିତାଙ୍କୁ ପୂଜା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁ ଅଧକ୍ଷତା କରିଥିଲେ। ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ

**ପଦ୍ମପର,୫।୯(ଡି.ଏନ.ଏ.)**

ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବରୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ପାଟଣା ମିଶ୍ରପୁର ବାତ୍ୟାଶ୍ରୟସ୍ଥଳ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆଶ୍ରୟସ୍ଥଳ କୋଠା ଛାତ ଭାଙ୍ଗି ପାଣି ଗଳୁଛି। ଆଶ୍ରୟସ୍ଥଳର ଚାରିପଟେ ରେଲିଂ ଭାଙ୍ଗିଯାଇଛି। ଫଳରେ ଏହା ଏବେ ବୁଲା ଷଣ୍ଢ ଓ ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏପରିକି କେତେକ ଗ୍ରାମବାସୀ ଏହି ଆଶ୍ରୟସ୍ଥଳରେ ବୁଲା ଷଣ୍ଢଙ୍କୁ ବାନ୍ଧିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଆଶ୍ରୟସ୍ଥଳୀରେ ବିଦ୍ୟୁତ୍‌କରଣ ବ୍ୟବସ୍ଥା ହୋଇ ନ ଥିବାରୁ ଅନ୍ଧାର ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଆଶ୍ରୟସ୍ଥଳୀ ଚାରିପଟେ ଗ୍ରାମବାସୀ



ପାଟଣା ମିଶ୍ରପୁର ବାତ୍ୟା ଆଶ୍ରୟସ୍ଥଳୀର ଦୁରବସ୍ଥା।

ଗୋବର ଓ ଅଳିଆ ଗଦା କରୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

୨୦୦୪ ମସିହାରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଦ୍ୱାରା ଏହି ବାତ୍ୟାଶ୍ରୟ ସ୍ଥଳ ଉଦ୍‌ଘାଟିତ ହୋଇଥିଲା। ପରେ ଏହାର ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଜଗନ୍ନାଥପ୍ରସାଦ ପଞ୍ଚାୟତର ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଏହି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି ପରିଚାଳନା ସମିତି କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ୧୯୯୯ ମହାବାତ୍ୟା ପରେ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହୋଇପଡ଼ିଥିଲେ। ଆଗାମୀ ଦିନରେ ବିପର୍ଯ୍ୟୟର ମୁକାବିଲା ପାଇଁ ସାରା ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଧନଜୀବନ ସୁରକ୍ଷା ଲାଗି ତିଆରି ହୋଇଥିଲା ବନ୍ୟା ଓ ବାତ୍ୟାଶ୍ରୟସ୍ଥଳ। ଓସଡମା (ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା) କର୍ତ୍ତୃପକ୍ଷଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ପାଟଣା ମିଶ୍ରପୁର ବାତ୍ୟାଶ୍ରୟସ୍ଥଳ ପ୍ରତି ଓସଡମା କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେଇ ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ମହତ୍ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।

-ରବର୍ଟ ମଦରୱେଲ୍



## ଛାତ୍ରୀଛାତ୍ରଙ୍କ ତୂଳୀରେ ପରିବେଶ ସୁରକ୍ଷା ବାର୍ତ୍ତା

ବାରିପଦା ଅଫିସ,୫।୯

ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ସାଙ୍ଗକୁ ଚିତ୍ରକଳା ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ବାରିପଦା ଏମକେସି ହାଇସ୍କୁଲଠାରେ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ୫୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। 'ପ୍ଲାଷ୍ଟିକ କୁ ନା' ଶୀର୍ଷକରେ ଏହି ପ୍ରତିଯୋଗିତାରେ ଏମ୍‌କେସି ହାଇସ୍କୁଲର ଛାତ୍ରୀ ବାସନ୍ତୀ ହାଁସଦା ୧ମ, ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଦୀପମାଳା ବେହେରା ୨ୟ ଓ ଶ୍ରୀ ସତ୍ୟସାଇ ବିଦ୍ୟା ବିହାରର ଛାତ୍ରୀ ନମ୍ରତା ଜେନା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

ବୁଧବାର ପୂର୍ବାହ୍ନ ୧୧ଟା ବେଳେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ର ରଙ୍ଗ ଓ ତୂଳୀ ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ଯୋଗୁ ସୃଷ୍ଟି ହେଉଥିବା ପରିବେଶ ସମସ୍ୟାକୁ ସେମାନେ ଜୀବନ୍ତ କରି ଚିତ୍ରରେ ରୂପ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଏହାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟଂମ ମଲିକ ଯୋଗ ଦେଇ ପରିବେଶ ପ୍ରତି ସମସ୍ତଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନ ସ୍ତରରେ ଏଭଳି ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ସମସ୍ତ ଅତିଥି ଓ ବକ୍ତା ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସମ୍ପର୍କରେ ସୂଚାଇଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇ ଉତ୍ସାହିତ କରାଯାଇଥିଲା। ଏଥି ସହିତ ଚିତ୍ରକଳା ଅଙ୍କନ ପାଇଁ ଧରିତ୍ରୀ ପକ୍ଷରୁ କଲର କିଟ୍‌ସ ଯୋଗାଇ ଦିଆଯାଇଥିଲା। କୃତୀ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସାଙ୍ଗକୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଦୀପକ ରାମ, ରବି ନାରାୟଣ ପଣ୍ଡା, ମହେଶ୍ୱର ମାରାଣ୍ଡି, ଅମୂଲ୍ୟ କୁମ୍ଭକାର, ରାଜୀବ ଲୋଚନ ଜେନା, ଡ. ସରୋଜ ନାୟକ, ଛାତ୍ର ସଂଗଠକ ଅବଦୁଲ ହବିବ, ସୁରଜ କୁମାର ବେହେରା, ଦେବପ୍ରିୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଧରିତ୍ରୀର ମୟୂରଭଞ୍ଜ ଜିଲା ପ୍ରତିନିଧି ରବି ନାରାୟଣ ଚଲାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ପରିଚାଳନାରେ କୋଷ୍ଟା ପ୍ରତିନିଧି ପରମାନନ୍ଦ ଦାସ, ଆଲୋକ ପ୍ରସାଦ କାନୁନଗୋ ଓ ଯଶୋବନ୍ତ ମହାନ୍ତ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇ ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରଙ୍କ ସହିତ ଅତିଥି ବୃନ୍ଦ।

**■ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା**

**■ବାସନ୍ତୀ ୧ମ, ଦୀପମାଳା ୨ୟ ଓ ନମ୍ରତା ୩ୟ**

## ସଂକ୍ଷେପରେ

### ସୁନେଇ ଡ୍ୟାମରୁ ଛଡାଗଲା ପାଣି

**ବାରିପଦା ଅଫିସ,୫।୯:** ମୟୂରଭଞ୍ଜ ଜିଲା କପ୍ତିପଦାସ୍ଥିତ ସୁନେଇ ଡ୍ୟାମରୁ ବୁଧବାର ସନ୍ଧ୍ୟା ୭ଟା ବେଳେ ପାଣି ଛଡାଯାଇଛି। ଏହି ଡ୍ୟାମରେ ମୋଟ ୬ଟି ଗେଟ ଥିବା ବେଳେ କେବଳ ଗୋଟିଏ ଗେଟ ଦ୍ୱାରା ପାଣି ଛଡାଯାଇଛି। ମୋଟ ୧୮୦ କ୍ୟୁସେକ୍ ଜଳ ଛଡାଯିବ ବୋଲି ମୟୂରଭଞ୍ଜ ଇରିଗେସନ ବିଭାଗର ନିର୍ବାହି ଯନ୍ତ୍ରୀ ଲୋକନାଥ ମହାନ୍ତି ସୂଚନା ଦେଇଛନ୍ତି। ଏହି ଡ୍ୟାମରେ ୮୪ .୭୦୦ ମିଟର ବିପଦ ସଙ୍କେତ ଥିବା ବେଳେ ୮୫ ମିଟର ପାଣି ପ୍ରବାହିତ ହେଉଥିଲା। ଏଣୁ ବିଭାଗ ପକ୍ଷରୁ ପାଣି ଛଡାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ପାଣି ସୋନ ନଦୀ ହୋଇ ବୁଢ଼ାବଳଙ୍ଗ ନଦୀରେ ମିଶିବ। ଏଥିଯୋଗୁ ତଳି ଅଞ୍ଚଳର ଲୋକଙ୍କୁ ସଜାଗ ଥିବା ପାଇଁ କୁହାଯାଇଛି।

### ଝାଡାବାନ୍ତିରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଉଦଳା, ୫।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଖଲାଡି ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଗୁରୁବାର ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ୩ ଜଣଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଗତ ୩ ଦିନ ହେବ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ବେଳେ ଏହା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଛି। ତେବେ ଏହି ଘଟଣା ଜଣାପଡିବା ପରେ ଏକ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଛନ୍ତି। ଦୂଷିତ ପାଣି ପିଇବା ହେତୁ ଝାଡାବାନ୍ତି ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି।

### ଜୀବନ ହାରିଲେ ଯୁବକ

**ବାରିପଦା ଅଫିସ,୫।୯:** ବାରିପଦା ଟାଉନଥାନା ଅନ୍ତର୍ଗତ ୯ନମ୍ବର ୱାର୍ଡ କୃଷ୍ଣଚନ୍ଦ୍ର ଗୋଲେଇ ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣଙ୍କ ହେଉଛନ୍ତି ସାଗର ଦାସ(୩୨)। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସାଗର ମଙ୍ଗଳବାର ସନ୍ଧ୍ୟାରେ ନିଜ ଘରର କବାଟ ବନ୍ଦ କରିଦେଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ପରିବାର ଲୋକେ କବାଟ ଭାଙ୍ଗି ସେ ଫ୍ୟାନରେ ବେଡଶିଟ ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ବୁଧବାର ବାରିପଦା ପିଆରଏମ ମେଡିକାଲ କଲେଜରେ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ହେଲେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

### 'ଗୁରୁ-ଶିଷ୍ୟ ପରମ୍ପରା ମହାନ୍'



ବଡ଼ସାହି,୫।୯(ସ୍ୱ.ପ୍ର): ସ୍ଥାନୀୟ ବଡସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀକାନ୍ତ ମହାନ୍ତ ମା' ବାଗ୍‌ଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ରଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହି ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ ଚିରକାଳ ଲାଗି ଅତୁଟ ରହିଥିବା ବେଳେ ଏହା ଏକ ମହାନ୍ ପରମ୍ପରା ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ସୁମନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଛନ୍ତି।

## ୧୧ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକ ଓ ଅନ୍ୟମାନେ।

ବାରିପଦା ଅଫିସ,୫।୯

ବାରିପଦା ସ୍ଥିତ ଶରତଚନ୍ଦ୍ର ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ବୁଧବାର ଗୁରୁଦିବସ ଉପଲକ୍ଷେ ପୁରାତନ ଛାତ୍ର ସଂସଦ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ଡ. ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇ ୧୧ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ ହେଲେ ହର ନାରାୟଣ ମିଶ୍ର, ଶ୍ରୀହରି ଓତା, ନନ୍ଦ କୁମାର ମହାପାତ୍ର, ଜୀବନକୃଷ୍ଣ ମହାପାତ୍ର, ଶ୍ରୀହରି ସାହୁ, ନରସିଂହ ବାରିକ, ନରେଶ ଚନ୍ଦ୍ର ଦାସ, ଲିଙ୍ଗରାଜ ପ୍ରହରାଜ, ସନ୍ୟାସୀ ଦାସ, କୃଷ୍ଣଚନ୍ଦ୍ର ନାୟକ, ଜୟକୃଷ୍ଣ ପାତ୍ର ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ନଳିନିକାନ୍ତ ବିଦ୍ଧାଣି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରଞ୍ଜନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଦୀପକ ରାମ, ବିନୋଦ ରାମ, ସୋନାଲି ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଭାରତି ବେବର୍ତ୍ତା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ସମ୍ବର୍ଦ୍ଧିତ ହେଲେ ୫୨ ଶିକ୍ଷକ

ବିଶୋଇ,୫।୯

ଗୁରୁଦିବସ ଅବସରରେ ମୟୂରଭଞ୍ଜ ଜିଲାର ସମୁଦାୟ ୨୬ ବ୍ଲକର ୫୨ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଅନୁପମ ସାମାଜିକ ସଂସ୍ଥା ଆନୁକୂଲ୍ୟରେ ମୟୂରଭଞ୍ଜ ଏମ୍‌ପି ଇଂ. ରାମଚନ୍ଦ୍ର ହାଁସଦାଙ୍କ ପୌରୋହିତ୍ୟରେ ବିଶୋଇ ବ୍ଲକ ଅନ୍ତର୍ଗତ ବିଶୋଇ ଏସ.ଏସ. ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଏକ ବୃହତ୍ ସଭାର ଆୟୋଜନ କରାଯାଇଥିଲା। ଏମ୍‌ପି ଇଂ. ରାମଚନ୍ଦ୍ର ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ସହକାରୀ ଜିଲା ଶିକ୍ଷା ଅଧିକାରୀ ମଧୁସୂଦନ ଚକ୍ର, କେଜିଭିବି ବିଦ୍ୟାଳୟର ସଂଯୋଜକ ମାନସ ସ୍ୱାଇଁ ,ସାରସକଣା ଜିଲା ପରିଷଦ ସଦସ୍ୟ ଭୁବନେଶ୍ୱର ମହାନ୍ତ,ବିଶୋଇର ଗୁରୁବା ମୁର୍ମୁ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଭବେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ହରେକୃଷ୍ଣ ବାରିକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତ, ସମ୍ପାଦକ ବିମଳ ଆଚାର୍ଯ୍ୟ,ବିଜାତଳା ବ୍ଲକ ଅଧ୍ୟକ୍ଷ ନିମାଇଁ ଚରଣ ମୁର୍ମୁ, ସମସ୍ତ ବ୍ଲକର ବିଇଓ,ଏବିଇଓ ୨୬ ଟି ବ୍ଲକର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଉପସ୍ଥିତ ଏମ୍‌ପି ପ୍ରଥମେ ଉପସ୍ଥିତ ସମସ୍ତ ଶିକ୍ଷକ ଓ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଗୁରୁଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ପରେ ହାଁସଦା ଜିଲାର ପ୍ରତ୍ୟେକ ବ୍ଲକରୁ ଚୟନ ହୋଇଥିବା ୨ ଶିକ୍ଷକ ସମୁଦାୟ ୫୨ ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସମସ୍ତ ବ୍ଲକରୁ ଆସିଥିବା କେଜିଭିବି ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶୋଇ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ବବିତା ସାହା, ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।



ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖୁଣ୍ଟା,୫।୯(ଡି.ଏନ.ଏ.)

ସ୍ଥାନୀୟ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟୟନରତ ଇତିହାସ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ସଭା କକ୍ଷରେ ଇତିହାସ ବିଭାଗ ମୁଖ୍ୟ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ପ୍ରମୋଦ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ହିରଣମୟ ଶତପଥୀ, ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ମହାପାତ୍ର, ମାନଗୋବିନ୍ଦ ଖିଲାରଙ୍କ ସମେତ ଅନ୍ୟ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ତୃତୀୟ ଓ ଦ୍ୱିତୀୟ ବର୍ଷ ର ଅଧ୍ୟୟନରତ ଇତିହାସ ବିଭାଗର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟକୁ ନୂତନ ଭାବେ ପ୍ରବେଶ କରିଥିବା ପ୍ରଥମ ବର୍ଷର ଛତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ଗଣ ପ୍ରଥମ ବର୍ଷ ର ଛାତ୍ରଛାତ୍ରୀ ମାନଙ୍କୁ ସୱାଗତ କରିବା ସହିତ ନିଜନିଜ ବ୍ୟକ୍ତବ୍ୟ ରଖିଥିବା ବେଳେ ମୂଖ୍ୟ ଅତିଥି ଅଧକ୍ଷ ଶ୍ରୀ ମିଶ୍ର ଇତିହାସ ପୁରୁଣା ଘଟଣା ବଳିକୁ ପ୍ରଦର୍ଶନ କରିପାରୁଥିବା ଏକ ଆଇନା ସଦୃଶ ବୋଲି କହିଥିଲେ। ଶେଷରେ ଅଧ୍ୟାପକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରିୟମ୍ବଦା ସ୍ମାରକୀ ଛାତ୍ର ବୃତ୍ତି ପ୍ରଦାନ

ବଡ଼ସାହି,୫।୯(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ପଟିସୋରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁନୀଲ କୁମାର ଦ୍ୱିବେଦ୍ୱୀଙ୍କ ପତ୍ନୀ ସ୍ୱର୍ଗତ ପ୍ରିୟମ୍ବଦା ଦ୍ୱିବେଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବବର୍ଷ ପରି ଚଳିତବର୍ଷ ଗୁରୁ ଦିବସରେ ଜଣେ କୃତୀ ଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଛି। ମଙ୍ଗଳବାର ଗୁରୁଦିବସ ଅବସରରେ ଏହି ବୃତ୍ତି ପ୍ରଦାନ ଉତ୍ସବ ପ୍ରଧାନ ଶିକ୍ଷକ ସନ୍ତୋଷ ତରେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ଚେୟାରମ୍ୟାନ ଦିବାକର ବାରିକ ଓ ସ୍ୱର୍ଗତାଙ୍କ ସୁପୁତ୍ର ସୁବାସ ଦ୍ୱିବେଦୀ ଯୋଗଦେଇ ଛାତ୍ରୀ ପ୍ରକୃତି ବେହେରାଙ୍କୁ ୧୮୦୦ ଟଙ୍କା ଓ ମାନପତ୍ର ପ୍ରଦାନ କରିଛନ୍ତି ।

### କେରଳ ବନ୍ୟା ପୀଡିତଙ୍କୁ ସହାୟତାର ହାତ

କୋଷ୍ଟା,୫।୯

ମୟୂରଭଞ୍ଜ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ଶୁଳିଆପଦା ଜୋନର ରଣଜିତ ଧୀରଙ୍କ ତତ୍ତ୍ୱାବଧାନରେ କେରଳ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ମୋଟ ୪୬୦୨ ଟଙ୍କା ପଠାଯାଇଛି। ଏଥିନିମନ୍ତେ କୋଷ୍ଟାର ଶ୍ରୀରାମ, ଜୟଗୁରୁଦେବ, କ୍ରିଷ୍ଣା ଓ ବି.ଡି. ପୀତାମ୍ବର ମେଡିସିନ ଷ୍ଟୋର, ଶୁଳିଆପଦାର ପ୍ରତିମା ମେଡିସିନ ଷ୍ଟୋର, ବାଘଡାର ଜଗନ୍ନାଥ ଓ ଧୀର ମେଡିସିନ ଷ୍ଟୋର ଓ ନାଉପଦାର ତାରିଣୀ ମେଡିସିନ ଷ୍ଟୋର ସହାୟତାର ହାତ ବଢାଇଛନ୍ତି । ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ରାଇରଙ୍ଗପୁର, ୫।୯ (ଡି.ଏନ୍.ଏ.)

ଗୋରୁମଇଁଷାଣୀ ଥାନା ଡଙ୍ଗାପାଣୀ ଗ୍ରାମ ନିକଟ ଏକ ବିଲରୁ ଉକ୍ତ ଗାଁର ବୃଦ୍ଧ ସାଧୁ ନାଏକଙ୍କ ଗଳିତ ଶବକୁ ପୋଲିସ ଜବତ କରିଛି। ସାଧୁ ରବିବାରଠାରୁ ନିଖୋଜ ଥିବା ବେଳେ ପରିବାର ଲୋକେ ଖୋଜିଖୋଜି ଜାରି ରଖିଥିଲେ। ବୁଧବାର ବିଲରେ ଶବ ପଡ଼ିଥିବା ପରିବାର ଲୋକେ ଚିହ୍ନଟ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆଜିଠୁ ଆଇନଜୀବୀଙ୍କ କୋର୍ଟ କାର୍ଯ୍ୟ ବର୍ଜନ

ବାରିପଦା ଅଫିସ,୫।୯

କଟକଠାରେ ଆଇନଜିବୀଙ୍କ ଉପରେ ହୋଇଥିବା ମାରଣାନ୍ତକ ଆକ୍ରମଣ ଘଟଣାକୁ ମୟୂରଭଞ୍ଜ ଜିଲା ବାର ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦରେ ୫ ଦିନ ଧରି କୋର୍ଟ କାର୍ଯ୍ୟରୁ ନିବୃତ ରହିବେ ଆଇନଜିବୀ। ଗୁରୁବାରଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସେମାନେ କୌଣସି ପ୍ରକାର କୋଟ କାର୍ଯ୍ୟ କରିବେ ନାହିଁ। ଏ ନେଇ ଆସୋସିଏଶନ ସାଧାରଣ ସମ୍ପାଦକ ବିପ୍ଳବ ବାରିକ ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ ହାଇକୋର୍ଟ ବାର ଆସୋସିଏଶନର ଅନୁରୋଧ କ୍ରମେ ମୟୂରଭଞ୍ଜ ବାର ଆସୋସିଏଶନ ସଭାଗୃହରେ ଏକ ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏହା ସହିତ କରଞ୍ଜିଆ, ଉଦଳା, ରାଇରଙ୍ଗପୁର ଓ ବେତନଟି ବାର ଆସୋସିଏଶନର ସଭ୍ୟାସଭ୍ୟଙ୍କୁ ଏହି ୫ ଦିନ କୋର୍ଟ କାର୍ଯ୍ୟରୁ ନିବୃତ ରହିବା ପାଇଁ ସାଧାରଣ ସମ୍ପାଦକ ବାରିକ ଅନୁରୋଧ କରିଛନ୍ତି।

## ଭାଜପାର ପ୍ରାକ୍ ନିର୍ବାଚନୀ ବୈଠକ

ବାରିପଦା ଅଫିସ,୫।୯

ବାରିପଦା ଭାଜପା କାର୍ଯ୍ୟାଳୟରେ ବାରିପଦ ନଗର ମଣ୍ଡଳ ସଭାପତି ଇଂ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାନସଭା କ୍ଷେତ୍ର ନିର୍ବାଚନି ପ୍ରଭାରି ନିହାର ରଞ୍ଜନ ମୋଦି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ ସିଂ, ପୂର୍ବତନ ଜିଲା ପରିଷଦ ସଭାପତି ପ୍ରକାଶ ସୋରେନ, ଜିଲା ଉପସଭାପତି ଶୋଭାବତି ଓଛା, ସୁବାସ ପ୍ରଧାନ, ପୁରୁଷୋତ୍ତମ ନାଏକ, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ହାବେଡା, ବରିଷ୍ଠ ନେତା ତପନ ହେମ୍ବ୍ରମ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କୌଶଲ୍ୟା ନାଏକ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନର ସମୀକ୍ଷା କରିଥିଲେ। ସେହିପରି ଏହି ନିର୍ବାଚନ ମଣ୍ଡଳୀରେ ୭୦ ଟି ବୁଥ ଥିବା ବେଳେ ପ୍ରତି ୫ ଟି ବୁଥ ପାଇଁ ଜଣେ ଜଣେ ପାଳକ ନିଯୁକ୍ତି ଓ ସମସ୍ତ ବୁଥ ପାଇଁ ଜଣେ ଜଣେ ପ୍ରଭାରି ନିଯୁକ୍ତ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଧବ ହାଁସଦା, ଗୋବିନ୍ଦ ମାଝୀ, ଗଣେଶ ନାୟକ, ମନୋଜ ବେହେରା, ପାୟଲ ରାୟ, ଉତ୍ତମ କୁମାର ଦାଶ, ଲକ୍ଷ୍ମଣ ତ୍ରିବାଠୀ, ଦିପକ ମଲିକ, ବିଜୟ ହୋତା, ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଖେଳି ଘର ଚଳାଉଛନ୍ତି ଅମିତ

ବିଶୋଇ,୫।୯

ସରକାରୀ ଚାକିରି ଥାଇ ବି ବେସାହାରା ଭାବେ ବଞ୍ଚିବାକୁ ପଡୁଛି । ପାଖରେ ଚିକିତ୍ସା ପାଇଁ ଅର୍ଥ ନାହିଁ । ଏହିପରି ଭାବେ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ଦୁର୍ଘଟଣାରେ ଗୁରୁତର ହୋଇ ବିଛଣାରେ ପଡିଛନ୍ତି ବିଶୋଇ ବ୍ଲକ ଅଧୀନ ବିଶୋଇ ଗ୍ରାମର ମନୋଜ କୁମାର ମହାନ୍ତି(୫୫)। ତିରିଂ ବ୍ଲକ ପଞ୍ଚାୟତ ଅଧିକାରୀ ଭାବେ କାମ କରି ଘରକୁ ଫେରୁଥିବା ବେଳେ ଏକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ ମନୋଜ। ହେଲେ ଏହାପରଠାରୁ ତାଙ୍କ ଦରମା ବନ୍ଦ ହୋଇଯାଇଥିବା ବେଳେ ଚିକିତ୍ସା ପାଇଁ ବି ମିଳୁ ନାହିଁ କିଛି ସରକାରୀ ସହାୟତା। ଏପରିସ୍ଥଳରେ ମନୋଜଙ୍କ ମଝିଆ ପୁଅ କ୍ରିକେଟ ଖେଳି ପାଉଥିବା ଅର୍ଥରେ ଘର ଖର୍ଚ୍ଚ ତୁଲାଇବା ସହ ବାପାଙ୍କ ଚିକିତ୍ସା ଜାରି ରଖିଛନ୍ତି।

ମନୋଜଙ୍କ ପରିବାର କହିଲେ ସ୍ତ୍ରୀ, ବଡ଼ ପୁଅ ଅଭିଜିତ,ମଝିଆ ପୁଅ ଅମିତ ଓ ସାନ ଝିଅ ଅଭିଲିପ୍ସା । ଗତ ୨୦୧୧-୨୦୧୨ ମସିହାରେ ବଡ଼ସାହି ବ୍ଲକ ପଞ୍ଚାୟତ ଅଧିକାରୀ ଭାବରେ କାର୍ଯ୍ୟରତ ଥିବା ବେଳେ ପବ୍ଲିକ ପିଟିସନ ଅଭିଯୋଗ ଦେଖାଇ ତାଙ୍କୁ ସସପେଣ୍ଡ କରାଯାଇଥିଲା। ପରେ ଦେଢ ବର୍ଷ ଧରି ବିନା ଦରମାରେ ସେ ଘରେ ବସି ରହିଲେ। ମାତ୍ର ଏହା ପରେ କୌଣସି ପ୍ରମାଣ ନ ମିଳିବାରୁ ତାଙ୍କୁ ପରେ ତିରିଂ ବ୍ଲକ ପଞ୍ଚାୟତ ଅଧିକାରୀ ଭାବେ ନିଯୁକ୍ତି ଦିଆଗଲା। ମାତ୍ର ୨୦୧୫ ମସିହା ମାର୍ଚ୍ଚ ୨୬ରେ କାମ ସାରି ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ହଠାତ ରାଇରଙ୍ଗପୁରସ୍ଥିତ ମୁର୍ମୁ ଛକଠାରେ ଭାରସାମ୍ୟ ହରାଇ ସେ ପଡିଗଲେ । ତାଙ୍କୁ ପ୍ରଥମେ ବାରିପଦା ମେଡିକାଲ ଓ ପରେ କଟକସ୍ଥିତ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ପ୍ରଶାସନ ନିକଟରୁ କୌଣସି ସାହାଯ୍ୟ ନ ପାଇ ବହୁ କଷ୍ଟରେ ଧାର କରଜ କରି ପରିବାର ଲୋକେ ତାଙ୍କ ଚିକିତ୍ସା କରିଥିଲେ। ମାସେ ପରେ ଘରକୁ ଫେରିଥିଲେ ମଧ୍ୟ ତାଙ୍କର ଶରୀରର ବାମ ପାର୍ଶ୍ୱ ପାଖ ସମ୍ପୂର୍ଣ୍ଣ ଅଚଳ ହୋଇଗଲା। ପରେ ବଡ଼ପୁଅ ଅଭିଜିତ ତିରିଂର ତତ୍କାଳୀନ ବିଡ଼ିଓଙ୍କୁ ସହିତ ସାକ୍ଷାତ କରି ତିରିଂରେ ମନୋଜ କାମ କରିଥିବା ୮ ମାସର ବକେୟା ଦରମା ଦେବା ପାଇଁ ଗୁହାରୀ କରିଥିଲେ। ହେଲେ ପ୍ରାପ୍ୟଠାରୁ ବହୁ କମ୍ ଟଙ୍କା ତାଙ୍କୁ ମିଳିଥିବା ସେ କହିଥିଲେ। ଦୁର୍ଘଟଣାର ସାଢେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ସରକାର ପକ୍ଷରୁ ଦରମା ମିଳୁ ନ ଥିବା ବେଳେ ଚିକିତ୍ସା ନିମନ୍ତେ ମଧ୍ୟ କୌଣସି ପ୍ରକାର ସାହାଯ୍ୟ ମିଳୁନାହିଁ । ୨ ଥର ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳି ପାରି ନାହିଁ। ପରିବାରର ଏପ୍ରକାର ଦୁର୍ଦ୍ଦିନରେ ଅମିତ। ବିଭିନ୍ନ ସ୍ଥାନାରେ କ୍ରିକେଟ ଖେଳି ଯାହା ପାଉଛନ୍ତି ସେଥିରେ ଘର ଖର୍ଚ୍ଚ ବହନ କରିବା ସହିତ ବାପାଙ୍କର ଚିକିତ୍ସା ଓ ସାନ ଭଉଣୀକୁ ସ୍ନାତକ ପଢ଼ାଇ ପାରିଛନ୍ତି। ସାନ ଝିଅ ମଧ୍ୟ ଟ୍ୟୁଶନ କରି ଘରର କିଛି ଖର୍ଚ୍ଚ ବହନ କରିଥାନ୍ତି । ମନୋଜଙ୍କ ସର୍ଭିସ ବୁକ ଭୁଲ ହୋଇଥିବାରୁ ଦରମା ହେଉନାହିଁ । ସେ କାମରେ ଯୋଗ ଦେଲେ ଦରମା ମିଳିବ ବୋଲି ତିରିଂ ବ୍ଲକର ପୂର୍ବତନ ଅଧିକାରୀ କହିଥିଲେ। ତେବେ ସର୍ଭିସ ବୁକ ମେଣ୍ଟେନ୍ସ ବ୍ଲକ ପ୍ରଶାସନର କାମ ଥିବା ବେଳେ ଏହା କିପରି ଭୁଲ ହୋଇ ଯାଇଛି ତାହା ଆଶ୍ଚର୍ଯ୍ୟ ର ବିଷୟ ବୋଲି ଆଲୋଚନା ହେଉଛି। ମାତ୍ର ଏବେ ତିରିଂ ବିଡିଓ ରମେଶ ଚନ୍ଦ୍ର ହାଁସଦାକୁ ପଚାରିବାରୁ ସେ କାର୍ଯ୍ୟରେ ନୂଆ ଯୋଗଦେଇଥିବାରୁ ଯଥାସାଧ୍ୟ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି।





ମନୋଜ ମହାନ୍ତି ଓ ତାଙ୍କ ପୁଅ ଅମିତ।

**■ସାଢେ ୩ ବର୍ଷ ହେଲା ମିଳୁନି ଦରମା**

**■ସରକାରୀ ଚାକିରି ଥାଇ ବି ବେସାହାରା**

**■ଚିକିତ୍ସାରେ ଅର୍ଥ ସାଜିଛି ବାଧକ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ସେପ୍ଟେମ୍ବର ୬/୨୦୧୮ Balasore, Thursday, September 6/ 2018

# ରହସ୍ୟ ଘେରରେ ଦୁଇ ସହପାଠିନୀଙ୍କ ମୃତ୍ୟୁ

**ସୋର, ୫।୯(ଡି.ଏନ.ଏ.)**

■ଅନ୍ଧାରରେ ବାଡି ବୁଲାଉଛି ପୋଲିସ
■ଘଟଣାକୁ ୨୭ ଦିନ ବିତିଲାଣି
■ସିବିଆଇ ତଦନ୍ତ ଦାବିରେ ରାସ୍ତାରୋକୋ

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଟେଣ୍ଟେଇ ଗ୍ରାମର ଦୁଇ ସହପାଠିନୀ ଛାତ୍ରୀଙ୍କ ରହସ୍ୟଜନକ ଆତ୍ମହତ୍ୟା ଘଟଣାକୁ ୨୭ ଦିନ ବିତିଲାଣି। ଗୋଟିଏ କୋଠରିରୁ ଦୁହିଁଙ୍କର ମୃତଦେହ ମିଳିଥିଲା । ଜଣେ ଛାତ୍ରୀଙ୍କ ପରିବାର ଏହାକୁ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଥିଲେ। ଫଳରେ ଘଟଣା ଅଧିକ ସମ୍ବେଦନଶୀଳ ହୋଇ ପଡିଥିଲା। ପୋଲିସ ମୃତଦେହ ଜବତ କରିବା ପରଠାରୁ ତଦନ୍ତ ନାଁରେ ଅନ୍ଧାରେ ଏଯାଏ ବାଡି ବୁଲାଇ ଚାଲିଛି। ରହସ୍ୟ ଉପରୁ ପର୍ଦ୍ଦା ହଟି ନାହିଁ କି ଦୁଇ ସହପାଠିନୀଙ୍କ ଅପମୃତ୍ୟୁର କାରଣ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳି ନାହିଁ। ଅନ୍ୟପକ୍ଷେ ପୋଲିସର ତଦନ୍ତ କାର୍ଯ୍ୟ ଶିଥିଳ ହୋଇ ପଡିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବୁଧବାର ବର୍ଷା ସତ୍ତ୍ୱେ ସ୍ଥାନୀୟ ଲୋକେ ଘଟଣାର ସିବିଆଇ ତଦନ୍ତ ଦାବି କରି ସୋର ଅନନ୍ତପୁର ରାସ୍ତାକୁ ଆସି ଅଇଁରି ଛକକୁ ଅବରୋଧ କରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ଧରି ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ଆନ୍ଦୋଳନକାରୀ ଦର୍ଶାଇଥିଲେ ଯେ, ଟେଣ୍ଟେଇ ବିରିପଡ଼ା ଗ୍ରାମର ମାୟାଧର ଦାସଙ୍କ ଝିଅ ପ୍ରିୟଙ୍କା ଓ ଟେଣ୍ଟେଇ ଗ୍ରାମର ବୀରେନ୍ଦ୍ର ଦାସଙ୍କ ଝିଅ ଲକ୍ଷ୍ମୀପ୍ରିୟା ଗତ ୯ ତାରିଖ ସନ୍ଧ୍ୟାରେ ଟ୍ୟୁଶନ ପଢି ସାରି ଖାଇ ପିଇ ଗୋଟିଏ କୋଠରିରେ ଶୋଇଥିଲେ। ସକାଳେ ସେହି କୋଠରୀରୁ ସେମାନଙ୍କ ମୃତଦେହ ମିଳିଥିଲା। ଏହି ଅପମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। କିନ୍ତୁ ପୋଲିସ ତଦନ୍ତ ଫେଲ୍ ମାରିବାରୁ ସେମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଏସମ୍ପର୍କରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୁଇ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଷ କ୍ରିୟା ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇ ପୋଲିସ ଓ ପ୍ରଶାସନିକ ଅଧିକାରୀ ନୀରବ ରହିଛନ୍ତି। ଏହାମଧ୍ୟରେ ମୃତଛାତ୍ରୀଙ୍କ ପ୍ରେତାତ୍ମା ସବାର ହୋଇ ୪ ଜଣ ମିଶି ସେମାନଙ୍କୁ ତଣ୍ଟିଚିପି ହତ୍ୟା କରିଥିବା କହିବା ଘଟଣା ପରିସ୍ଥିତିକୁ ଅଧିକ ଗୋଳିଆ କରିଛି। ଏହି ପରିପ୍ରେକ୍ଷୀରେ ସିବିଆଇ ଦ୍ୱାରା ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଲୋକେ ଦାବିକରି ବୁଧବାର ସକାଳ ୮ ଟାରୁ ରାସ୍ତା ଅବରୋଧ କରିଥିଲେ। ଏସଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ସୋର ତହସିଲଦାର ଦେବୀ ପ୍ରଶାଦ ଦାଶ ଓ ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେମଧ୍ଧ ଲୋକେ ଜତଦ୍‌ରେ ଅଡି ବସିଥିଲେ। ଶେଷରେ ଆଗାମୀ ୧୫ ଦିନ ମଧ୍ୟରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଲୋକେ ମଧ୍ୟାହ୍ନ ସାଢେ ୧୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲେ। ଅନନ୍ତପୁର ସରପଞ୍ଚ ବିଶ୍ୱନାଥ ଦାସ ଟେଣ୍ଟେଇ ସରପଞ୍ଚ ପ୍ରଫୁଲ୍ଲ ମହାନ୍ତି, ପାଖର ସରପଞ୍ଚ ତ୍ରୀଲୋଚନ ପାଣିଗ୍ରାହୀ, ଭାଜପା ନେତା ରାକେଶ ମଲ୍ଲିକ, ବସନ୍ତ ନାୟକ, ମାୟାଧର ଦାସ, ଅନନ୍ତ ପ୍ରଶାଦ ଜେନା, ରମାକାନ୍ତ ଦାସ, ସୀତାରାଣୀ ଦାସ ପ୍ରମୁଖ ଏହି ରାସ୍ତାରୋକୋ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହିଅବସରରେ ସେମାନେ ଏକ ଦାବିପତ୍ର ଏସଡିପିଓଙ୍କୁ ପ୍ରଦାନ କରିଥିଲେ।


ଅଞ୍ଚଳବାସୀ ରାସ୍ତାରୋକୋ କରି ପ୍ରତିବାଦ ସଭା କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ବାନ୍ଧି ମାଡ଼

**ବଡ଼ସାହି,୫।୯(ସ୍ୱ.ପ୍ର):** ବକେୟା ଟଙ୍କା ଆଦାୟକୁ କେନ୍ଦ୍ର କରି ବଡ଼ସାହି ଥାନା ଅଧୀନ ଦାମୋଦରପୁର ଗ୍ରାମବାସୀ ଜଣେ ଯୁବକଙ୍କୁ ବାନ୍ଧି ମାଡ ମାରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଘାସିରାମ, ବନ୍ଦିରାମ ସିଂ, ସୋମନାଥ ସିଂ, ଲକ୍ଷ୍ମଣ ସିଂ, ବାପି ସିଂ, ମଙ୍ଗଲ ସିଂ, ଯାମୁଲ ଓ ଭଗବାନ ସିଂ । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ ୧୩୧/୧୮) ରୁଜୁ କରିଛି। ଅଭିଯୁକ୍ତମାନେ ଗ୍ରାମର ନିର୍ମଳ କୁମାର ସିଂଙ୍କୁ ବୁଧବାର ଅପରାହ୍ନରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### କଳାଦିବସ ରୂପେ ଗୁରୁଦିବସ ପାଳିତ




**ଭଞ୍ଜକିଆ,୫।୯(ଡି.ଏନ୍.ଏ.):** ୧୯ ଦିନର ଆନ୍ଦୋଳନ ପରେ ଦାବି ପୂରଣ ନ ହେବାରୁ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଗୁରୁଦିବସକୁ କଳାଦିବସ ରୂପେ ପାଳନ କରିବା ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅନ୍ତର୍ଗତ ଚୈତନ୍ୟପ୍ରସାଦ ମହାବିଦ୍ୟାଳୟ, ଭଞ୍ଜକିଆର ଅଧାପକ, ଅଧାପିକା ଓ କର୍ମଚାରୀବୃନ୍ଦ ରାଜ୍ୟ ସରକାରଙ୍କ ଏତାଦୃଶ ଅନୁଦାନ ନୀତିକୁ ନିନ୍ଦା କରିବାସହ ଗୁରୁ ଦିବସରେ କଳା ବ୍ୟାଜ୍ ପିନ୍ଧି ଫାଟକ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଏଥିରେ ମହାବିଦ୍ୟାଳୟର ଅର୍ଥନୀତି ଅଧାପକ ତଥା ୬୬୨ ସଂଘର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଥଙ୍କ ତତ୍ତ୍ୱାବଧାନରେ ଏହାକୁ କଳାଦିବସ ରୂପେ ପ୍ରତିବାଦ କରାଯାଇଛି। ଏଥିରେ ଅଧାପକ ତଥା ରରୁଆଁ ବ୍ଲକର କନଭେନର ଶିରୋପାଣୀ ମହାନ୍ତ, ଅଧାପକ ସୁଧାକୃଷ୍ଣ ବାଗ, ଭକ୍ତବନ୍ଧୁ ମହାନ୍ତ, ରଞ୍ଜନ କୁମାର ମହାନ୍ତ, ଅଧାପିକା ତପସ୍ୱିନୀ ବାରିକ, ଅଧାପିକା ଡ.ଝିଲି ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
### ଜେଲ୍ ଗଲେ କଲେଜ କିରାଣି

**କଟକ ଅଫିସ, ୫।୯:** ବାରିପଦା ଏମ୍‌ପିସି ସ୍ୱୟଂଶାସିତ କଲେଜର ମୁଖ୍ୟ କିରାଣି ପ୍ରଭାକର ପରିଡ଼ାଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ପରିଡ଼ାଙ୍କ ଘର ଓ ଅଫିସ ଆଦି ସ୍ଥାନ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ୧ କୋଟି ୧୬ ଲକ୍ଷ ୯୭ ହଜାର ୧୯୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତେବେ ପ୍ରାଥମିକ ତଦନ୍ତ ପରେ ଠାବ ସମ୍ପତ୍ତିରୁ ୧ କୋଟି ୮ହଜାର ୮୨୫ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିପାରିଛି। ଏହି ଅଭିଯୋଗରେ ପରିଡ଼ାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ସୂଚନା ଦେଇଛି। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୭/୨୦୧୮) ରୁଜୁ ହୋଇଛି। ପରିଡ଼ାଙ୍କୁ ଗିରଫ ପରେ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଛାତ୍ର ନେତାଙ୍କୁ ଛୁରାମାଡ଼

**ଭଦ୍ରକ ଅଫିସ,୫।୯**

ବୁଧବାର ଅପରାହ୍ନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ର ନେତାଙ୍କୁ ଛୁରାମାଡ଼ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସେଲ୍ଫ ଫାଇନାନ୍ସ ଅଧୀନ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ପ୍ରଥମବର୍ଷ ଛାତ୍ର ବିଶ୍ୱଜିତ ଲେଙ୍କାଙ୍କ ବାମହାତ ପାପୁଲିକୁ ଛୁରାମାଡ଼ କରାଯାଇଛି। ଏନେଇ ବିଶ୍ୱଜିତ ଟାଉନ ଥାନାରେ କେତେକ ଲୋକଙ୍କ ନାମରେ ଏତଲା ଦାଏର କରିଛନ୍ତି। ଉଲ୍ଲେଖନୀୟ ଯେ, ଯୁକ୍ତ ୩ ଶେଷବର୍ଷ ଛାତ୍ର ଥିବାବେଳେ ଗତବର୍ଷ ମଧ୍ୟ କଲେଜ ନିର୍ବାଚନ ପୂର୍ବରୁ ବିଶ୍ୱଜିତଙ୍କୁ ଅନୁରୂପ ଛୁରାମାଡ଼ ହୋଇଥିଲା। ଏହାକୁ ନେଇ କଲେଜ ନିର୍ବାଚନ ବାତିଲ କରାଯାଇଥିଲା। ଆଗକୁ କଲେଜ ନିର୍ବାଚନ ଥିବାରୁ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖା ଦେଲାଣି।

# କୁସୁନନଗରରେ ଡାକ୍ତରୀ ଟିମ୍

**ଭଦ୍ରକ ଅଫିସ,୫।୯**

ଭଦ୍ରକ ବ୍ଲକରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଦୈସିଂ ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୩୦ଜଣ ରୋଗୀ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ ଜଣ ହେଉଛନ୍ତି ଏହି ପଞ୍ଚାୟତ ଅଧୀନ କୁସୁନନଗର ଅଞ୍ଚଳର। କୁସନନଗରରେ ଏବେ ଡାକ୍ତରୀ ଟିମ୍ ଓ ରାଜନେତାଙ୍କ ଭିଡ଼। ଭଦ୍ରକ ଜିଲା ଚିକିତ୍ସାଳୟର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ କୁସୁନନଗରରେ ପହଞ୍ଚି ଗତ ଦୁଇଦିନ ଧରି ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗ୍ରାମବାସୀଙ୍କ ରକ୍ତ ନମୁନା ସଂଗ୍ରହ କରି ଡେଙ୍ଗୁ ଆକ୍ରାନ୍ତ କି ନାହିଁ ସେନେଇ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଜିଲା ମ୍ୟାଲେରିଆ ଅଫିସର ଡ. ମୁରଲୀଧର ନାୟକ, ଭିବିଡିସି ସୁପ୍ରିୟା ପାଢୀଙ୍କ ସମେତ ଅନ୍ୟ ୩ ମେଡିକାଲ କର୍ମଚାରୀ ଉକ୍ତ ଗାଁରେ କ୍ୟାମ୍ପ ପକାଇ ରୋଗୀଙ୍କୁ ଚିକିତ୍ସା ସହ ଡେଙ୍ଗୁ ସମ୍ପର୍କରେ ସଚେତନ କରାଉଛନ୍ତି। ମଶାରୀରେ ଔଷଧ ସିଞ୍ଚନ, ନାଳ ନର୍ଦ୍ଦମାରେ ଔଷଧ ସ୍ପ୍ରେ କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖନୀୟ ଯେ, ଏ ସମ୍ପର୍କରେ ଧରିତ୍ରୀରେ ପ୍ରଥମେ 'ବ୍ୟାପୁଛି ଡେଙ୍ଗୁ, ବଢୁଛି ଭୟ' ଖବର ପ୍ରକାଶ ପାଇଥିଲା। ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଗାଁରେ ଏହି ଟିମ୍ ଡେରା ପକାଇ ଚିକିତ୍ସା କରୁଥିବା ସୂଚନା ମିଳିଛି। ମଙ୍ଗଳବାର ଓ ବୁଧବାର ଏହି ଗାଁରୁ କେହି ଡେଙ୍ଗୁ ଆକ୍ରାନ୍ତ ହୋଇ ମେଡିକାଲ ଯାଇ ନ ଥିବା ଜିଲା ମ୍ୟାଲେରିଆ ଅଫିସର ପ୍ରତିକ୍ରିୟା ରଖିଛନ୍ତି। ସେହିଭଳି ଭାଜପାର ଏକ ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଗାଁରେ ପହଞ୍ଚି ଡେଙ୍ଗୁ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଭାଜପା ନେତା ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ୨୫ ନମ୍ବର ଜୋନ୍ ସଭାପତି ପ୍ରଭାକର ସାମଲ, ଜିଲା ଉପସଭାପତି ବିଦ୍ୟାଧର ସାହୁ, ଜିଲା ଯୁବ ସାଧାରଣ ସମ୍ପାଦକ ବିକାଶ ଶ୍ରେଷ୍ଠା, ରମାକାନ୍ତ ନାୟକ, ପ୍ରାଣକୃଷ୍ଣ ପଣ୍ଡା, ଗଣେଶ ପାଢୀ, ଗୋପାଳ ଜେନା ପ୍ରମୁଖ ଏହି ଗାଁର ଘରକୁ ଘର ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାପରେ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଭାଜପାର ଏହି ଟିମ୍।


କୁସୁନନଗରରେ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି।

# କଟୁରି ଚୋଟରେ ଶ୍ୱଶୁର, ବୋହୂ ଗୁରୁତର

**ଅଭିଯୁକ୍ତଙ୍କୁ ଗିରଫ ଦାବି**

**ବାସୁଦେବପୁର,୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ବଚ୍ଛଦା ଗ୍ରାମରେ ମଙ୍ଗଳବାର ଜମିଜମା ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହା ଉଗ୍ରରୂପ ନେଇ ଗୋଟିଏ ପରିବାରର ଜଣେ ଯୁବକ ଓ ତାଙ୍କ ପରିବାର ସଦସ୍ୟଙ୍କ କଟୁରି ଚୋଟରେ ଅନ୍ୟ ପରିବାରର ମାଧବାନନ୍ଦ ଭୋଇ ଓ ତାଙ୍କ ବୋହୂ ଜୟନ୍ତୀ ଭୋଇ ଗୁରୁତର ଆହତ ହୋଇଛନ୍ତି। ମାଧବାନନ୍ଦଙ୍କ ମୁଣ୍ଡ ଓ ଜୟନ୍ତୀଙ୍କ ହାତରେ ଗଭୀର ଆଘାତ ଲାଗିଛି। ଆହତ ଶ୍ୱଶୁର, ବୋହୂଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏନେଇ ଜୟନ୍ତୀ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ୨ ଦିନ ବିତିଥିଲେ ମଧ୍ୟ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମାଧବାନନ୍ଦ ଦାବି କରିଛନ୍ତି।

# ଅପହରଣ ଘଟଣା ନେଇ ବିବାଦ, ଉତ୍ତେଜନା

**ଭଦ୍ରକ ଅଫିସ/ଧାମନଗର, ୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଅଞ୍ଚଳ ଦିନକୁ ଦିନ ଅପରାଧ ପ୍ରବଣ ହେଉଛି। ଗୋଟିଏ ପରେ ଗୋଟିଏ ହତ୍ୟା, ଲୁଟ୍, ଚୋରି, ବଳାତ୍କାର ମାମଲା ବଢ଼ିବାରେ ଲାଗିଛି। ସୋମବାର ରାତିରେ ଧାମନଗର ଅଞ୍ଚଳରେ ଜଣେ ଯୁବତୀଙ୍କୁ ମୋଟର ସାଇକେଲରେ ଲିଫ୍ଟ ଦେବା ବାହାନାରେ କେତେକ ଯୁବକ ଅପହରଣ ଓ ଅସଦାଚରଣ ଉଦ୍ୟମ କରିଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଧାରା ୩୬୫, ୩୭୯, ୧୦୯, ୩୪ରେ ୫ ଜଣଙ୍କ ନାମରେ ମାମଲା(ନଂ.୧୪୯/୧୮) ରୁଜୁ କରିଛି। ଅନ୍ୟପକ୍ଷେ ଏଭଳି ଅଭିଯୋଗ ମିଥ୍ୟା ବୋଲି କୁହଯାଉଛି। ଏହି ବିବାଦୀୟ ଘଟଣାକୁ ନେଇ ଗୁହାଳିଆ, ଇଚ୍ଛଦା, ନିର୍ଗୁଣ୍ଡି ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ବୁଧବାର ଗୁହାଳିଆ ଗାଁର ଶତାଧିକ ମହିଳା ଓ ପୁରୁଷ ଧାମନଗର ଥାନା, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଘଟଣାର ତଦନ୍ତ କରିସତ୍ୟାସତ୍ୟ ଲୋକଲୋଚନକୁ ଆଣିବାଏବଂ ତୁରନ୍ତ ମାମଲା ପ୍ରତ୍ୟାହାର କରାଯିବାକୁ ଦାବି କରିଥିଲେ। ଏସ୍‌ଡିପିଓ ଓ ଥାନାଧିକାରୀ ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଅପହରଣ ଘଟଣାକୁ କେନ୍ଦ୍ର କରି ଆଖପାଖ ୩ ଗାଁରେ ବିବାଦ ଲାଗି ରହିଛି।

ପୋଲିସ ସୂଚନା ଅନୁଯାୟୀ ସୋମବାର ରାତିରେ ଯୁବତୀ ଜଣଙ୍କ ଭୁବନେଶ୍ୱରରୁ ଫେରି ଧାମନଗର ଛକରେ ଓହ୍ଲାଇଥିଲେ। ସେ ଘରକୁ ଯିବା ପାଇଁ ଅପେକ୍ଷା କରିଥିବା ବେଳେ କେତେକ ଯୁବକ ତାଙ୍କ ବାପାଙ୍କୁ ଚିହ୍ନିଥିବା କହି ବାଇକ୍‌ରେ ବସାଇ ନେଇଥିଲେ। ସେମାନେ ଅପହରଣ ଉଦ୍ୟମ କରୁଥିବା ସନ୍ଦେହ କରି ଯୁବତୀ ଜଣକ ଏକ ପେଟ୍ରୋଲ ପମ୍ପ ନିକଟରେ ଗାଡିରୁ ଡେଇଁ ପଡ଼ିଥିଲେ। ତାଙ୍କୁ ଚିକିତ୍ସା କରାଯାଇ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ସହାୟତାରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ବୁଧବାର ଅଞ୍ଚଳବାସୀଙ୍କ ବିରୋଧ ଓ ହୋହଲ୍ଲା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି ଥାନାଧିକାରୀ ବନ୍ଦନା ପାତ୍ର କହିଛନ୍ତି।


ଏସ୍‌ଡିପିଓଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

# ଅଲ୍ ଇଣ୍ଡିଆ ନାଇଣ୍ଟିନ ରଗ୍‌ବି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ବାରିପଦା ଅଫିସ,୫।୯**

ମୟୂରଭଞ୍ଜ ରଗବି ଫୁଟବଲ ଆସୋସିଏଶନ ଏବଂ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ବାରିପଦା ଲ କଲେଜ ପଡିଆଠାରେ ବୁଧବାର ଅଲ ଇଣ୍ଡିଆ ନାଇଣ୍ଟିନ ରଗବି ଚମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସଡର ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ଉପସ୍ଥିତିରେ ଜିଲାପାଳ ବିନିତ ଭରଦ୍ୱାଜ, ଏସ୍‌ପି ଅବିନାଶ କୁମାର, ଏଡିଏମ ଗଙ୍ଗାଧର ନାୟକ, ଡିଏଫଓ ସ୍ୱୟଂମ ମଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ଏହି ଚାମ୍ପିୟନଶିପକୁ ଉଦ୍‌ଘାଟନ କରିଛନ୍ତି। ୧୯ ବର୍ଷରୁ କମ୍ ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ୩୨ ଟି ଟିମର ପ୍ରାୟ ଏକ ହଜାର ଖେଳାଳି ଭାଗ ନେଇଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ହରିୟାନା, ବିହାର, ରାଜସ୍ଥାନ, ପଶ୍ଚିମବଙ୍ଗ ସମେତ ସମଗ୍ର ଦେଶର ୩୨ ଟି ଟିମ ଏଥିରେ ଭାଗ ନେଇଛନ୍ତି। ଏହି ଟିମ୍ ମଧ୍ୟରୁ ୨୦ ଟି ପୁଅ ଟିମ ଓ ୧୨ ଟି ଝିଅ ଟିମ ରହିଛି। ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଟିମ ଏସିଆନ ଟ୍ରଫିକୁ ମନୋନୀତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ବାରିପଦାରେ ଜାତୀୟ ସ୍ତରର ରଗବି ଖେଳ ପ୍ରଥମ ଥର ପାଇଁ ହେଉଥିବା ବେଳେ ଖେଳପ୍ରେମୀମାନେ ଉତ୍ସାହିତ ଅଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ରଗ୍‌ବି ଖେଳାଳିମାନେ।




# ଲୁଟେରାଙ୍କ କବ୍‌ଜାରେ ରାସ୍ତା: ୨ ସ୍ଥାନରୁ ଲୁଟ୍

## ଫାଙ୍କା ଗୁଳିଚାଳନା କରି ଆଖିକୁ ଫିଙ୍ଗିଲେ ଲଙ୍କାଗୁଣ୍ଡ: ୧.୪୧ ଲକ୍ଷ ଲୁଟ୍

**ସୋର,୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ସେମାନେ ଯୋଜନାବଦ୍ଧ ଭାବେ ସ୍ପଷ୍ଟ ଦିବାଲୋକରେ ରାସ୍ତାରେ ଲୁଟତରାଜ ଚଳାଇ ଖସି ପଳାଇ ଯାଉଛନ୍ତି। ବୁଧବାର ଅପରାହ୍ନରେ ବାଲେଶ୍ୱର ଜିଲା ସୋର–କୁପାରୀ ରାସ୍ତା ବିଲବାଙ୍କିଆ ନିକଟରେ ୩ ଜଣ ଲୁଟେରା ଫାଙ୍କା ଗୁଳି ଚାଳନା କରିବା ସାଙ୍ଗକୁ ପିପୁଲସ୍ ଫୋରମ ନାମକ ଏକ ସଂସ୍ଥାର ଜଣେ କର୍ମଚାରୀଙ୍କ ଆଖିକୁ ଲଙ୍କା ଗୁଣ୍ଡ ଫିଙ୍ଗି ୧ଲକ୍ଷ ୪୦ ହଜାର ୯୭୪ଟଙ୍କା ଲୁଟି ନେବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୋଗ ପାଇ ସୋର ଥାନା ପୋଲିସ ତଦନ୍ତ ଚଳାଇଛି।

ଖଇରା ଥାନା ଅନ୍ତର୍ଗତ ଡ଼ଗରପଡ଼ା ଗ୍ରାମର ୫ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କ ଠାରୁ ପିପୁଲସ୍ ଫୋରମ ସଂସ୍ଥାର କର୍ମଚାରୀ ଆଲୋକ କୁମାର ପୃଷ୍ଟି ଏହି ଟଙ୍କା ସଂଗ୍ରହ କରି ସୋର ଶାଖା କାର୍ଯ୍ୟାଳୟକୁ ଫେରୁଥିଲେ। ରାସ୍ତାରେ ତାଙ୍କ ପଛପଟୁ ଏହି ୩ ଲୁଟେରା ବାଇକ୍‌ରେ ଆସି ତାଙ୍କୁ ଅଟକାଇ ବ୍ୟାଗରେ ଥିବା ଟଙ୍କା ସମେତ ଦୁଇଟି ମୋବାଇଲ ଫୋନ ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ କାଗଜ ପତ୍ରକୁ ଛଡ଼ାଇ ନେଇଥିଲେ। ଲୁଟେରାମାନେ ସୋର ଅଭିମୁଖେ ପଳେଇ ଯାଇଥିବା ସମ୍ପୃକ୍ତ କର୍ମଚାରୀ ପୋଲିସକୁ ସୂଚନା ଦେଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇପାରି ନାହିଁ।

## ମହିଳା ଅଧିକାରୀଙ୍କଠାରୁ ଲୁଟିନେଲେ ୧.୩ ଲକ୍ଷ

**ବାହାନଗା,୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଜାଗେଶ୍ୱପଦା ବରିପଦା ମୁଖ୍ୟ ରାସ୍ତାରେ ଏକ ଫାଇନାନ୍ସ କମ୍ପାନୀର ଜଣେ ମହିଳା ଅଧିକାରୀଙ୍କଠାରୁ ୩ ଜଣ ଯୁବକ ୧ଲକ୍ଷ ୩ହଜାର ୯ଶହ ୮୭ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି । ଏବାବଦରେ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟେରାମାନଙ୍କର କୌଣସି ଟେର ମିଳିନାହିଁ।

ପୋଲିସ ସୂଚନା ଅନୁଯାୟୀ ସୋର ସ୍ଥିତ ଅର୍ନପୂର୍ଣ୍ଣା ଫାଇନାନ୍ସର କ୍ଷେତ୍ର ଅଧିକାରୀ ପୂଜା ପାଇକରାୟ ମଙ୍ଗଳବାର ବରିପଦା ପଞ୍ଚାୟତର ବଳରାମପୁର ସ୍ଥିତ ଉସଙ୍ଗ ଗ୍ରାମର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ନିକଟରୁ ଏହି ଟଙ୍କା ଧରି ନିଜ ସ୍କୁଟି ଯୋଗେ ଫେରୁଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ସେ ଗିଲିଦା ରାସ୍ତାଠାରେ ପହଞ୍ଚିବା ସମୟରେ ବିପରୀତ ଦିଗ ଜାଗେଶ୍ୱରପଦା ଆଡୁ ଏକ ବାଇକ୍‌ରେ ୨ ଜଣ ଯୁବକ ଆସି ଫିଲ୍ମ ଷ୍ଟାଇଲରେ ପୂଜାଙ୍କ ସ୍କୁଟି ଆଗରେ ବାଇକ୍ ରଖି ତାଙ୍କୁ ଅଟକାଇଥିଲେ। ଏହି ସମୟରେ ଉସଙ୍ଗ ଆଡୁ ଆଉ ଜଣେ ଯୁବକ ମୋଟରସାଇକେଲ ଯୋଗେ ଆସି ପହଞ୍ଚି ଥିଲେ। ସେଠାରେ ଏହି ୩ ଲୁଟେରା ଏହି ମହିଳା ଅଧିକାରୀଙ୍କୁ କାବୁ କରି ସ୍କୁଟି ଚାବି ନେଇ ସିଟ୍ ତଳେ ଟଙ୍କା ଥିବା ଭେନିଟି ବ୍ୟାଗକୁ ଧରି ଫେରାର ହୋଇ ଯାଇଥିଲେ। ପରେ ଏହି ଅଧିକାରୀ ସ୍ଥାନୀୟ ଲୋକଙ୍କ ସହାୟତା ନେଇ ପୋଲିସକୁ ସୂଚନା ଦେଇଥିଲେ। ଗୋପାଳପୁର ଫାଣ୍ଡି ଅଧିକାରୀ ପ୍ରସାନ୍ତ ଦେବ ଗୋସ୍ୱାମୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୂର୍ଭାବ ବୃଦ୍ଧି ନେଇ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରାକ୍ଟର ଜବତ, ଚୋର ଫେରାର

**ପାଟଣା, ୫।୯(ସ୍ୱ.ପ୍ର.):** ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ମହେନ୍ଦ୍ରା ଭୂମିପୁତ୍ର ଟ୍ରାକ୍ଟରକୁ କେତେକ ଦୁର୍ବୃତ୍ତ ଚୋରି କରି ନେଉଥିଲେ। ସାହାରପଡା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସାହାରପଡା ଫାଣ୍ଡି ପୋଲିସ ଟ୍ରାକ୍ଟରକୁ ପିଛା କରି ଜବତ କରିଥିବା ବେଳ ଚୋର ଜଣଙ୍କ ଦୌଡ଼ି ପଳାଇଛନ୍ତି। ପରେ ପାଟଣା ପୋଲିସ ଟ୍ରାକ୍ଟରକୁ ଜବତ କରି ଥାନାରେ ରଖିଛି। ପାଟଣା ଥାନା ଏରେଣ୍ଡେଇ ରେଙ୍ଗାଳ ବେଡା ସାହିର ପ୍ରତାପ ଚନ୍ଦ୍ର ମହାନ୍ତ ନିଜ ଟ୍ରାକ୍ଟରକୁ କୁଆପଶିସ୍ଥିତ ସତୁ କାହ୍ନୁ ମହାନ୍ତଙ୍କ ଘରେ ବେପାର ପାଇଁ ରଖିଥିଲେ। ଚୋରି ଖବର ପାଇ ପଟଣା ଥାନା ଅଧିକାରୀ ପ୍ରମୋଦୀନି ସାହୁ ଢେଙ୍କିକୋଟ, ତୁରୁମୁଙ୍ଗା, ସାହାରପଡ଼ା ଓ କରଞ୍ଜିଆ ପୋଲିସକୁ ସଜାଗ ରହିଥିଲେ। ସବୁରାସ୍ତା ସିଲ କରି ପାଟଣା ପାର୍ଶ୍ୱରୁ ଏଏସଆଇ ଅଶୋକ ନାଏକ, ମହେଶ୍ୱର ମୁଣ୍ଡା, ଗୃହରକ୍ଷୀ ଗନ୍ଧର୍ବ ରାଜ ମିଶ୍ର, ସଞ୍ଜୀବ ବେଜ ଓ ସୁଦର୍ଶନ ମହାନ୍ତ ଟ୍ରାକ୍ଟରକୁ ପିଛା କରି ସାହାରପଡା ଛକ ନିକଟରେ ଧରିଥିଲେ।

### ଶ୍ମଶାନରେ ନବଜାତକଙ୍କ ମୃତଦେହ

**ରାଇସୁଆଁ, ୫।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ଧାଙ୍ଗରପଡ଼ା ନିକଟ କିମିରିଡୋଲି ଶ୍ମଶାନରେ ଏକ ନବଜାତ ଶିଶୁଙ୍କ ମୃତଦେହ ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ନାନା କଥା ଶୁଣିବାକୁ ମିଳୁଛି। ଶିଶୁଟି କାହାର ଏବଂ କେଉଁଠୁ ଆସିଲା ସେ ନେଇ ଚର୍ଚ୍ଚା ଜୋର ଧରିଛି।

### ରାସ୍ତା କଡ଼କୁ ଓଲଟିଲା ଟ୍ରେଲର



**କେନ୍ଦୁଝର/ରାଇସୁଆଁ, ୫।୯(ସ୍ୱ.ପ୍ର.):** ଶୋଚନୀୟ ରାସ୍ତାଘାଟରୁ କେନ୍ଦୁଝରଠାରେ ୪୯ ନମ୍ବର ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟୁଛି। ବୁଧବାର ରାସ୍ତା କଡ଼ରେ ଏକ ଟ୍ରଲର ଓଲଟି ପଡ଼ିଥିଲା। ସେହିପରି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଁରା ଗ୍ରାମ ନିକଟ ଶ୍ରୀମେଟାଲିକ କାରଖାନାକୁ ଏସାର ଖଣିରୁ ଲୁହାପଥର ଧରି ଆସୁଥିବା ଏକ ଗାଡି ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ବର୍ତ୍ତି ଯାଇଛନ୍ତି।

### ଚମ୍ପୁଆରେ ଯାନବାହନ ଯାଞ୍ଚ

**ଚମ୍ପୁଆ,୫।୯(ଡି.ଏନ.ଏ):** ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଛି। ଚଳିତ ମାସ ୩ ଲକ୍ଷ ୪୬ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୧ ଗୋଟି ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଛି। ଦ୍ରୁତ ବାଇକ୍ ଚାଳନା, ହେଲମେଟ, ସିଟବେଲ୍ଟ, ଲାଇସେନ୍ସ ଆଦି ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ଚମ୍ପୁଆ ଥାନା ଅଞ୍ଚଳର ବାସୁଦେବପୁର, ପାଞ୍ଚପୋଖରିଆ, ଅମଫେଡ ଛକ, କଲେଜ ଛକ, କରିଆ, ଉର୍ତ୍ତି ଓ ରାମଲା ଅଞ୍ଚଳରେ ଯାଞ୍ଚ କାର୍ଯ୍ୟ କରାଯାଇଛି।

### ବିପନ୍ନଙ୍କୁ ସରକାରୀ ସହାୟତା ମିଳୁନି

**ତେଲକୋଇ, ୫।୯(ଡି.ଏନ.ଏ.):** ସ୍ଥାନୀୟ ଆଦିବାସୀ ବହୁଳ ଅଞ୍ଚଳରେ ପ୍ରବଳ ବର୍ଷାରେ ଘର ଭୁଶୁଡ଼ି ପଡ଼ିଛି। ତହସିଲ କାର୍ଯ୍ୟାଳୟରେ ଅଚଳ ଅବସ୍ଥା ଯୋଗୁଁ ବହୁ ଲୋକେ ନାହି ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟ ପକ୍ଷରେ ବିପର୍ଯ୍ୟସ୍ତ ମୁକାବିଲା ପାଇଁ ସରକାର ବିଭିନ୍ନ ଯୋଜନା ଉକ୍ତ ଅଞ୍ଚଳରେ ପ୍ରହଶନରେ ପରିଣତ ହୋଇଛି। ତେଲକୋଇ, ଓରିଆ, ଦୋଲାପାଳ, ଛାମୁଣ୍ଡା, ଜଗମୋହନପୁର, ବିଞ୍ଜବାହାଲ, ସଲେଇକେନା, ତାଳପଦା, ଆକୁଳ, ସିରିଗିଡ଼ା ପଞ୍ଚାୟତର ଲୋକଙ୍କ ଘର ଭାଙ୍ଗି ଯାଇଛି। ସେମାନଙ୍କୁ ପଲିଥିନ ଖଣ୍ଡେ ମିଳିନି। ଦୈନିକ ଶତାଧିକ ଲୋକେ ତହସିଲ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି। ଏ ନେଇ ଆଡିଶନାଲ ତହସିଲଦାର ଦଶରଥ ନାଏକଙ୍କୁ ପଚାରିବାରୁ ପଲିଥିନ ଦାୟିତ୍ୱରେ ଥିବା ତପନ କୁମାର ସେନାପତିଙ୍କ ବଦଳି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ୨ ଶହରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ଅଭିଯୋଗ ଆସିଥିବା ସେ କହିଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଡାକ୍ତରଖାନା

- ଦାଗିଦ୍ କରୁଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
- ଶୁଣୁନାହାନ୍ତି ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ

**କେନ୍ଦୁଝର, ୫।୯(ସ୍ୱ.ପ୍ର.)**

ଅସ୍ୱାସ୍ଥ୍ୟକର ପରିବେଶରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର ରହିଛି। ମଇଳା ଆବର୍ଜ୍ୟନା ଠିକ ପରିଚାଳନା ହେଉନାହିଁ। ଡାକ୍ତରଖାନାରେ ମଇଳା ଆବର୍ଜନା ପଡ଼ି ରହିଥିବାରୁ ରୋଗ ସଂକ୍ରମଣ ହେବା ଆଶଙ୍କା ଦେଖା ଦେଉଛି। ଆବର୍ଜନା ପଡ଼ି ରହୁଥିଲେ ହେଁ ସଫା କରାଯାଉନି। ଫଳରେ ପାଖରେ ଥିବା ୱାର୍ଡ ତଥା ଅଫିସ ଓ ସାହି ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ମଇଳା ଆବର୍ଜନା ସବୁକୁ ପୃଥକୀକରଣ କରିବା ସହ କାଚ, ଇଂଜେକ୍ସନ ଛୁଞ୍ଚିକୁ ଭାଙ୍ଗିବା କାମ ପାଇଁ ବହୁ ଟଙ୍କାର ମେଶିନ ବସାଯାଇଛି। ଅପରେଶନ ବେଳେ ବାହାରୁ ଥିବା ରକ୍ତ, କଟା ମାଂସ ଆଦି ସେଠାରେ ଜମା କରାଯାଉଛି। ସେସବୁ ମଧ୍ୟ ପରିଚାଳନା ହେଉ ନ ଥିବାରୁ ପୂତିମୟ ପରିବେଶ ଦୃଷ୍ଟି କରୁଛି।



ମେଡିକାଲ ପରିସରରେ ଥିବା ଆବର୍ଜନା।

ବର୍ଷା ଦିନରେ ମଇଳା ପାଣି ଏଣେତେଣେ ବୋହି ଯାଉଥିବା ବେଳେ ଖରା ଦିନରେ ପବନରେ ଉଡି ଆଖପାଖ ଅଞ୍ଚଳର ପରିବେଶକୁ ନଷ୍ଟ କରିଦେଉଛି। ଡାକ୍ତରଖାନା କର୍ତ୍ତୃପକ୍ଷ ମଇଳା ଆବର୍ଜନା ପରିଚାଳନା ପାଇଁ ସ୍ଥାୟୀ ବ୍ୟବସ୍ଥା କରୁ ନ ଥିବାରୁ ଅସନ୍ତୋଷ ବଢୁଛି। ଏଭଳି ମଇଳା ଆବର୍ଜନାର ପରିଚାଳନା ପାଇଁ ବାଇଓ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ବା ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନା କରିବାର ବ୍ୟବସ୍ଥା ଅଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେଉନାହାନ୍ତି। ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାରମ୍ବାର ତାଗିଦ କରାଯାଉଥିଲେ ହେଁ କେହି ଶୁଣୁ ନ ଥିବାରୁ ସମସ୍ୟା ବଢି ଚାଲିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପୁଷ୍କର ବେହେରାଙ୍କୁ ପଚାରିବାରୁ ବାଇଓ ମେଡିକାଲ ୱେଷ୍ଟ ପରିଚାଳନା ପାଇଁ ମେଡିକାଲକୁ ଜଣାଯାଇଛି। ଏହାର ତଦାରଖ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ମେଡିକାଲରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ମଇଳା ପାଣି ନିଷ୍କାସିତ ହୋଇପାରୁନି। ନିର୍ମାଣ ହୋଇଥିବା ଡ୍ରେନ ଗୁଡିକ ଭୂମିରୁ ଉପରେ ରହୁଥିବାରୁ ପାଣି ନିଷ୍କାସନ ହେଉନାହିଁ। ଡାକ୍ତରଖାନା ପରିସରରେ ପାଣି ଜମା ହୋଇ ରହୁଛି। ନିୟମିତ ସଫେଇ ଓ ପାଣି ନିଷ୍କାସନ କରାଯାଉନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମଶା, ମାଛି ତଥା କୁକୁରଙ୍କ ପ୍ରଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି।

## ଭିଜିଲାନ୍ସ କୋର୍ଟରେ ଭିଏଲଡବ୍ଲ୍ୟୁ ଦଣ୍ଡିତ

**କେନ୍ଦୁଝର, ୫।୯(ସ୍ୱ.ପ୍ର.)**

ବିଜୁ ପକ୍କା ଘର ଯୋଜନାରେ ୱାର୍କ ଅର୍ଡର କରାଇଦେବା ପାଇଁ ଦୁଇ ହଜାର ଟଙ୍କା ଲାଞ୍ଚ ନେବା ଜଣେ ଭିଏଲଡବ୍ଲ୍ୟୁଙ୍କୁ ମହଙ୍ଗା ପଡ଼ିଛି। ତତ୍କାଳୀନ ସଦର ବ୍ଲକର ଜଣେ ଭିଏଲଡବ୍ଲ୍ୟୁଙ୍କୁ ବୁଧବାର ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୪ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେ ହେଲେ ବସନ୍ତ କୁମାର ବେହେରା। ସେ ଏବେ ଯୋଡା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଦେବଦତ ବିଶ୍ୱାଳ କହିଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ପ୍ରଦ୍ୟୁମ୍ନ କୁମାର ବାରିକ ଶୁଣାଣି କରି ଉକ୍ତ ରାୟ ଦେଇଛନ୍ତି।

## ୭ ବ୍ୟାଟେରି ଚୋର ଗିରଫ



ଗିରଫ ହୋଇଥିବା ୭ ବ୍ୟାଟେରି ଲୁଟେରା।

**ଆନନ୍ଦପୁର, ୫।୯(ସ୍ୱ.ପ୍ର.)**

ରାମଚନ୍ଦ୍ରପୁର ଥାନା ପୋଲିସ ବୁଧବାର ୭ ଜଣ ବ୍ୟାଟେରୀ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୦ଟି ବ୍ୟାଟେରୀ ଜବତ ହୋଇଛି। ଗିରଫ ମାନେ ହେଲେ ପନସିଆ ଗାଁର ମଟକା ହୋ, ଭିମ ହୋ, ଦିଲୁ କୁଲକେର, ଭଗିଆ ହୋ, ଗୁରୁଚରଣ ବିନ୍ଧାଣୀ, ମିଟୁ ଚରଣ ହୋ, ବୁଲୁ ହୋ। ରାମଚନ୍ଦ୍ରପୁର ଥାନ ଅଧୀନ ୨୦ନଂ ଜାତୀୟ ରାଜପଥର ବଡପଦନା ଛକ ରାସ୍ତା ପାର୍ଶ୍ୱରେ ଠିଆହୋଇଥିବା ଟ୍ରକ୍‌ରୁ ବ୍ୟାଟେରୀ ଚୋରି ହେଉଥିବାର ଅଭିଯୋଗ ହେଉଥିଲା। ବାରମ୍ବାର ଏଭଳି ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ୍ ଚୋର ସମ୍ପର୍କରେ ଟେର୍ ପାଉ ନ ଥିଲା। ସ୍ଥାନୀୟ ଅଞ୍ଚଳର କେତେକ ଟ୍ରକ୍ ମାଲିକଙ୍କ ନଜର ୨ ଯୁବକଙ୍କ ଉପରେ ପଡ଼ିଥିଲା। ସନ୍ଦେହ ହେବାରୁ ସେମାନଙ୍କୁ ନେଇ ଥାନାରେ ଜିମା ଦେଇଥିଲେ।

ପୋଲି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଅଧିକ ପଚାରାଉଚାରା କରିବା ପରେ ଚୋର ଗ୍ୟାଙ୍ଗର ଖୁଲାସା ପୋଲିସ୍ ନିକଟରେ କରିଥିଲେ। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପନାସୀଆ ଗାଁରେ ଚଡାଉ କରି ୧୦ଟି ବ୍ୟାଟେରୀ ଜବତ କରି ସେମାନଙ୍କୁ ଗିରଫ କରିଥିଲା। ଗୁରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ସମ୍ବର୍ଦ୍ଧିତ ହେଲେ ଶିକ୍ଷୟିତ୍ରୀ ଶିକ୍ଷକ

**ଆନନ୍ଦପୁର, ୫।୯(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ଗୟାଧର ସାହୁ ସ୍ମୃତି ସଂସଦ ଆନୁକୂଲ୍ୟରେ ପବିତ୍ର ଗୁରୁ ଦିବସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ୭ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ସଂଯୋଜନାରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ବିରଜା ବଳ, ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଶିଶୁ କବି ଡ.ରାମଚନ୍ଦ୍ର ନାୟକ, ସମ୍ମାନିତ ବକ୍ତା ଡ. ବିକ୍ରମ କୁମାର ମହାପାତ୍ର, ଡ. ଶୁଭେନ୍ଦୁ କୁମାର ମୀଶ୍ର ପ୍ରମୁଖ ଉପସ୍ଥିତ ରହି ଗୁରୁ ଛାତ୍ରର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ।



ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସାହିତ୍ୟିକ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନିଲ ସାହୁ ଅତିଥି ପରିଚୟ ଦେଇଥିଲେ। ସଂସଦ ପକ୍ଷରୁ ବରିଷ୍ଠ ଶିକ୍ଷୟିତ୍ରୀ ରମାମଣୀ ମଲ୍ଲିକ, ଶିକ୍ଷକ ନରେନ୍ଦ୍ର କୁମାର ନାଥ, ଅନନ୍ତ ଚରଣ ବେହେରା, ଜୟନାରାୟଣ ଜଗଦେବ ମହାପାତ୍ର, ଅନିଲ ଚରଣ ନାୟକ, ନବଘନ ପଣ୍ଡା, ଅନଙ୍ଗ ଚରଣ ଦାସ ପ୍ରମୁଖଙ୍କୁ ସେମାନଙ୍କର ଅନନ୍ୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷକ ଗୟାଧର ସାହୁଙ୍କ ପ୍ରତିଭା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଶେଷରେ କବି ଲେଖକ ସରୋଜ ସାହୁ ଧନ୍ୟବାଦ ଦେଇଥିଲେ।

## ବନ୍ୟା ପରେ ଦୁର୍ଦ୍ଦଶା ବଢ଼ିଲା

**ଆନନ୍ଦପୁର, ୫।୯(ସ୍ୱ.ପ୍ର.)**

ଘାଗରା ନାଳର ବନ୍ୟାଜଳ ପ୍ରଭାବରେ ପ୍ରଭାବିତ ହୋଇଥିବା ଆନନ୍ଦପୁର ପୌରପରିଷଦ ଫକୀରପୁର ବାଲିପଡ଼ାବାସୀ ବର୍ଷା ହେଲେ ଭୟଭୀତ ଅବସ୍ଥାରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି। ବନ୍ୟାଜଳ ପ୍ରଭାବରୁ ବାଲିପଡା ବାସିନ୍ଦା ଜଳବନ୍ଦି ହୋଇ ରହିଥିଲେ। ସ୍ଥାନୀୟ ଯୁବକ ସଂଘ ଓ ପ୍ରଶାସନର ସହାୟତାରେ ସାହିରୁ ସ୍ଥାନାନ୍ତର ହୋଇ ଦୁଇ ଦିନ ଧରି ନିଜ ଗ୍ରାମର ଥିବା ଜୟଦୁର୍ଗା ସ୍କୁଲରେ ଆଶ୍ରୟ ନେଇଥିଲେ। ବର୍ଷା ଟିକେ କମିଯିବା ପରେ ଲୋକେ ନିଜ ଘରକୁ ଫେରିଛନ୍ତି। ବର୍ଷା ଜଳ ସେମାନଙ୍କ ସଂସାରକୁ ଦୁର୍ଦ୍ଦଶାକୁ ଠେଲି ଦେଇଛି। କାହାର ଚୁଲି ଭିତରେ ପାଣି ପଶିଯାଇଛି ତ ଆଉ କାହାର କାନ୍ଥ ଭୁଶୁଡି ପଡିଛି।

ଏପରିକି ରାତି ହେଲେ ଶୋଇବା ଚିନ୍ତା ଘାରୁଛି। ବର୍ଷା ବିପ୍ରାତ କମିଥିଲେ ସୁଦ୍ଧା ସୁଧୁରିନି ସେମାନଙ୍କ ଦୁର୍ଦ୍ଦଶା। ତଥାପି ନିଜ ଘରକୁ ସାଜାଡିବାକୁ ଲାଗି ପଡିଛନ୍ତି। ଭଲ କରି ରୋଷେଇ କରି ଏମାନଙ୍କ ପାଇଁ ବଡ ସମସ୍ୟା ସାଜିଛି। ସାହିର ଚତୁଃପାର୍ଶ୍ୱରେ ବନ୍ୟାଜଳ ଘେରି ରହିଥିବାବେଳେ ସରୀସୃପଙ୍କ ଭୟ ରହିଛି। ପୁଣି ବର୍ଷା ବିପ୍ରାତର ଖବର ଲୋକମାନଙ୍କ ନିଦ ହଜାଇଦେଇଛି।

## ଶ୍ରମିକ ଗୁରୁତର ଘଟଣା ନେଇ ମାମଲା

**ଝୁମ୍ପୁରା, ୫।୯(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଖେଣ୍ଡରା ପଞ୍ଚାୟତ ତିଲୋଉପଦା ସାହିରେ ଗତ ୨ରେ ବିଦ୍ୟୁତ୍ ସଂସ୍ପର୍ଶରେ ୫ ଶ୍ରମିକ ଗୁରୁତର ହେବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଛି। ସୌଭାଗ୍ୟ ଯୋଜନାରେ କାମ ଚାଲିଥିବା ବେଳେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଲାଗି ଶ୍ରମିକ ଗୁରୁତର ହୋଇଥିଲେ। ଗଦରେଜ ଏଣ୍ଡ ବାଏସ ଏମଏଫଜି ଏଲଟିଡି କମ୍ପାନୀ କେନ୍ଦୁଝର ଜିଲାରେ ସୌଭାଗ୍ୟ ଯୋଜନାର ବିଦ୍ୟୁତ୍ କରଣ କାମର ଟେଣ୍ଡର ନେଇଥିଲା। ଉକ୍ତ କମ୍ପାନୀ ସେହି କାମ ପୁଣି କେତେକ ସ୍ଥାନରେ ଏମଏସ ନାରାୟଣ କନଷ୍ଟ୍ରକ୍ସନକୁ ଠିକା ସୂତ୍ରରେ ବିଦ୍ୟୁତ କରଣର କାମ ଦେଇଛି। ନାରାୟଣ କନଷ୍ଟ୍ରକ୍ସନର ଖାମଖିଆଲି କାମ ଯୋଗୁଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ତଦନ୍ତ ଅଧାରରେ ଗଦରେଜ ବାଏସ ଏମଏଫଜି ଏଲଟିଡି ସଂସ୍ଥା ଏବଂ ନାରାୟଣ କନ୍ଷ୍ଟ୍ରକ୍ସନର ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଝୁମ୍ପୁରା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ ସୂଚନା ଦେଇଛନ୍ତି। ଜିଲା ଶ୍ରମ ଅଧିକାରୀ ଅକ୍ଷୟ ପ୍ରଧାନଙ୍କୁ ପଚାରିବାରୁ ପୋଲିସ ରିପୋର୍ଟ ମିଳିଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## କାଳିକାପ୍ରସାଦକୁ ଡିଜିଟାଲ ଗ୍ରାମ ଘୋଷଣା

**ଚମ୍ପୁଆ, ୫।୯(ଡି.ଏନ.ଏ)**

ଚମ୍ପୁଆ ବ୍ଲକ କାଳିକାପ୍ରସାଦ ଗ୍ରାମକୁ ଡିଜିଟାଲ ଗ୍ରାମ ଭାବେ ଘୋଷଣା କରାଯାଇଥିବା ରିମୁଳି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପ୍ରବନ୍ଧକ ସୁରେଶ ପାନ ସୂଚନା ଦେଇଛନ୍ତି। କାଳିକାପ୍ରସାଦ ଗ୍ରାମବାସୀଙ୍କୁ ବ୍ୟାଙ୍କ ଜନିତ କାରବାରେ ଡିଜିଟାଲ ନେଣଦେଣ କରାଯାଇ ସୁବିଧା ସୁଯୋଗ ଦିଆଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ସୁମନ୍ତ ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋହନ ଚନ୍ଦ୍ର ଦାସ, ଜିଆରଏସ ସାନିକା ଦେହୁରୀ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଉପହାର ଦେଇ ଗୁରୁଙ୍କୁ ପୂଜିଲେ

- ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜିଲେ ଛାତ୍ରୀଛାତ୍ର
- ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ

**କେନ୍ଦୁଝର, ୫।୯(ସ୍ୱ.ପ୍ର.)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡ଼ଠାରେ ଗୁରୁଦିବସ ଅବସରରେ ସରସ୍ୱତୀ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ହୋଇଯାଇଛି। ବିଦ୍ୱତ୍ ପରିଷଦର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ନୃସିଂହ ଚରଣ ସ୍ୱାଇଁ, ମୁଖ୍ୟବକ୍ତା ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କେନ୍ଦୁଝର ଜିଲାର ପ୍ରତ୍ୟେକ ବ୍ଲକରୁ ଅବସରପ୍ରାପ୍ତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ସରସ୍ୱତୀ ପ୍ରତିଭା ସମ୍ମାନରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପୁରସ୍କୃତ ହୋଇଥିବା ଆଦର୍ଶ ଶିକ୍ଷାବିତ ହେଲେ ହାଟଡିହି ବ୍ଲକରୁ ବୀରଭଦ୍ର ବେହେରା, ପୁରୁଷୋତ୍ତମ ଶତପଥୀ, ଆନନ୍ଦପୁର ବ୍ଲକରୁ ରଙ୍ଗାଧର ମହାରଣା, ହଳଧର ସୁତାର, ବିଶିକେଶନ ଦାସ, ଘଷିପୁରା ବ୍ଲକରୁ ବିଭୂତି ଭୂଷଣ ଜେନା, ବଳଭଦ୍ର ନାରାୟଣ ନାୟକ, ଘଟଗାଁ ବ୍ଲକରୁ ଭରତ ଚନ୍ଦ୍ର ମହାନ୍ତ, ଜୟଦେବ ପଣ୍ଡା, ହରିଚନ୍ଦନପୁର ବ୍ଲକରୁ ସୁଦର୍ଶନ ବେଜ, ସନାତନ ମହାନ୍ତ, ତେଲକୋଇ ବ୍ଲକରୁ ବିଜୟ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ବାଂଶପାଳ ବ୍ଲକରୁ ଗୋପବନ୍ଧୁ ପଲେଇ, ଝୁମ୍ପୁରା ବ୍ଲକରୁ ଜର୍ମାନୀ ମହାନ୍ତ, ମଧୁର ଚନ୍ଦ୍ର ପ୍ରଧାନ, ଯୋଡ଼ା ବ୍ଲକରୁ ସୁଧାଂଶୁ ଶେଖର ପଣ୍ଡା, ଦେବକୀ ମିଶ୍ର, ଚମ୍ପୁଆ ବ୍ଲକରୁ ଗୋପାଳଚନ୍ଦ୍ର ରାଉତ, ହରିହର ମିଶ୍ର, ସାହାରପଡା ବ୍ଲକରୁ ବନମାଳି ମହାନ୍ତ, ମହାଦେବ ମହାନ୍ତ, ପାଟଣା ବ୍ଲକରୁ ନାରାୟଣ ଦାଶ, ଭଗୀରଥି ମହାନ୍ତତ, ସଦର ବ୍ଲକରୁ ପ୍ରଫୁଲ୍ଲ ପ୍ରଧାନ, କରୁଣାକର ମହାନ୍ତ, ନିତ୍ୟାନନ୍ଦ ପରିଡ଼ା, ପୁରୁଷୋତ୍ତମ ବେହେରା, ମ୍ୟୁନିସିପାଲିଟି ବ୍ଲକରୁ ଶ୍ୟାମସୁନ୍ଦର ମିଶ୍ର, ରଙ୍ଗାଧର ନନ୍ଦ।



କେନ୍ଦୁଝରରେ ପୁରସ୍କୃତ ହୋଇଥିବା ଶିକ୍ଷକ।



ବଡ଼ବିଲ୍‌ରେ ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ପ୍ରଦାନ ଦେଇଥିଲେ। ବିଦ୍ୱତ ପରିଷଦର ସମ୍ପାଦକ ମଦନ ମୋହନ ଦ୍ୱିବେଦୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ଅତିଥି ଭାବେ ଖଣି ଓ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରତିଷ୍ଠାତା ଇଂ ବସନ୍ତ ଦାନୀ, ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗର ସଭାପତି ସତ୍ୟନାରାୟଣ ମହାପାତ୍ର, ବିଦ୍ୱତ୍ ପରିଷଦର ସମ୍ପାଦକ ମଦନ ମୋହନ ଦ୍ୱିବେଦୀ, ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ର, ସମ୍ପାଦକ ରବୀନ୍ଦ୍ର ପଣ୍ଡା, ଉପସଭାପତି ଇଂ ହରମୋହନ ପଟ୍ଟନାୟକ, ସମାଜସେବୀ ରଘୁନାଥ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ଜିଲା ସଂଘଚାଳକ କୈଳାଶ ଚନ୍ଦ୍ର ମହାପାତ୍ର, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ଅଧ୍ୟକ୍ଷ ଜଗବନ୍ଧୁ ମହାନ୍ତ, ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସମ୍ପାଦକ ଇଂ ଅମରବର ଖଟୁଆ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରିଥିଲେ ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ଦେବାଶିଷ ସାମଲ, ସୁପ୍ରୀତି ସେନଗୁପ୍ତ, ଦୀନବନ୍ଧୁ ମହାକୁଡ, ମୁକେଶ ବିଶ୍ୱକର୍ମା ଓ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରାଇସୁଆଁ, (ଡି.ଏନ.ଏ.)**

ସଦର ବ୍ଲକ ରାଇସୁଆଁ, ମହାଦେଇଯୋଡ଼ା, ପଦ୍ମପୁର, ପଳାଶପଙ୍ଗା, ଗୋବର୍ଦ୍ଧନ, ବାଉରୀପଦା, ନରଣପୁର, ବରଦାପାଳରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ସର୍ବପଲି ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପଦ୍ମପୁର ଶିଶୁମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଥିଲା। ମହାଲକ୍ଷ୍ମୀ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କିରାନୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁ ଦିବସର ବିଷୟରେ ବୁଝାଇ ଥିଲେ।

**ପାଟଣା, (ସ୍ୱ.ପ୍ର.)**

ପାଟଣାରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ଗୋଡ଼ ଧୋଇ, ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ନୂତନ ବସ୍ତ୍ର, ପାଠ୍ୟ ଉପକରଣ ଓ ଉପହାର ଦେଇ ମିଠା ଖୁଆଇ ଥିଲେ। ପାଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସହପ୍ରଧାନ ଶିକ୍ଷକ ଗଣେଶ୍ୱର କରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ଦାଶ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବି ଅନ୍ନପୂର୍ଣ୍ଣ ଦାଶ, ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା ପରିଷଦ ସଭାପତି ରକ୍ଷାକର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ମହାନ୍ତ, ସମ୍ମାନିତ ଅତିଥି ଶିକ୍ଷକ ପ୍ରଦୀପ ସାହୁ ଓ ବକ୍ତା ଭାବେ ଗୁରୁମା ଦେବକୀ ମହାନ୍ତ ଯୋଗ ଦେଇଥିଲେ। ଜିଏନ ହାଇସ୍କୁଲ ସ୍ୱାମ ପାଟଣାଠାରେ ପ୍ରଧାନ ଶିକ୍ଷୟିତ୍ରୀ ଜଲ୍ପନା ସିଂ, ଖିରେଇଟାଙ୍ଗିରିସ୍ଥିତ ଖିରେଇଟାଙ୍ଗିରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି।

**ବଡ଼ବିଲ, (ସ୍ୱ.ପ୍ର.)**

ବଡବିଲରେ ଗୁରୁ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର ଗୁରୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଧାପକ ଗୋଲକ ବିହାରୀ ଗିରି ଓ ମୁଖ୍ୟବକ୍ତା ଅଧାପିକା ବିଜୟଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ପ୍ରାଧାପକ ସରୋଜ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବୈଦେହୀ ବାନାର୍ଜୀ, ଲକ୍ଷ୍ମୀପ୍ରିୟା ମହାନ୍ତ ଏବଂ ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ମହାନ୍ତ, ଦେବରାଜ ସାହୁ, ସୁବାସ୍ ମହାନ୍ତ, କୈଳାଶ ଚନ୍ଦ୍ର ମହାନ୍ତ, ବନମାଳୀ ମହାନ୍ତ, ମୋତିଲାଲ ଯାଦବ, ରାମେଶ୍ୱର ମହାନ୍ତ, ରଘୁନାଥ ବାରିକ ଓ ପ୍ରସନ୍ନ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଚମ୍ପୁଆ, (ଡି.ଏନ.ଏ)**

ଚମ୍ପୁଆ ଅଞ୍ଚଳର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜା କରିଥିଲେ। ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ର ଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ଆକାଶ ଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମି, ରିମୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରହ୍ମପୁର କରିଆ ଶିଶୁ ବିଦ୍ୟା ମନ୍ଦିର, ଆଦି ଶିକ୍ଷାନୁଷ୍ଠାନରେ ଗୁରୁଶିଷ୍ୟ ପରମ୍ପରା ଝଲକ ଦେଖିବାକୁ ମିଳିଥିଲା।



ଚମ୍ପୁଆରେ ଆୟୋଜିତ ସଭାରେ ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଗୁରୁଦିବସ ବିଷୟରେ କହୁଛନ୍ତି।



ଡେଙ୍ଗିକୋଟରେ ଗୁରୁଙ୍କୁ ପୂଜା କରାଯାଉଛି।

## ସଂକ୍ଷେପରେ

### ଡମ୍ଫରରୁ ଖସି ହେଲ୍‌ପରଙ୍କ ମୃତ୍ୟୁ

ଯୋଡ଼ା, ୫ା୯(ଡି.ଏନ.ଏ.): ବାମେବାରୀ ଥାନା ଟିସ୍କୋ ଖଣ୍ଡବନ୍ଧ ରାସ୍ତାରେ ଡମ୍ଫରରୁ ଖସି ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡଖଣ୍ଡର ନୂଆମୁଣ୍ଡିର ପ୍ରେମ ତିରିଆ। ଗତ ସୋମବାର ରାତି ପ୍ରାୟ ୮ଟାରେ ଗାଡି (ନଂ ଓଡି୦୯ସି ୯୦୯୧)ର ଡ୍ରାଇଭର କ୍ରିଷ୍ଣା ତିରିଆ ଚଳାଉଥିଲେ। ସେ ଦ୍ରୁତଗତିରେ ଗାଡି ଚଳାଇବାରୁ ହେଲପର ତିରିଆ ଭୟଭୀତ ହୋଇ ଗାଡିରୁ ଡେଇଁ ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଯୋଡା ସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୧୧ଟା ବେଳେ ତିରିଆଙ୍କ ମୃତ୍ୟୁ ଘଟିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ପୋଲିସ ଏକ ମାମଲା (ନଂ.୧୧୧/୧୮) ରୁଜୁ କରି ଡମ୍ଫର ଜବତ କରିବା ସହ ଡ୍ରାଇଭର କ୍ରିଷ୍ଣାଙ୍କୁ ଗିରଫ କରିଥିଲା।

### ବାଇକ୍ ନେଲା ଜୀବନ

କେନ୍ଦୁଝର, ୫ା୯(ସ୍ୱ.ପ୍ର.): ଝୁମ୍ପୁରା ବ୍ଲକ ଓଲମାପଶି ଗ୍ରାମ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହୁଣ୍ଡୁଳା ଗ୍ରାମର ନବ ମୁଣ୍ଡା। ନବଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଯୋଡ଼ା, ୫ା୯(ଡି.ଏନ.ଏ.): ଯୋଡ଼ା ସହରର ଯୋଡ଼ବସ୍ତିଠାରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଯୋଡ଼ା ବସ୍ତିରେ ରହୁଥିବା କୃଷ୍ଣ ଲୋହାରଙ୍କ ସ୍ତ୍ରୀ ସୁନେଲି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ହତ୍ୟା ଘଟଣା ବୋଲି ଆଲୋଚନା ହେଉଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିଲା।

### ଜିପ ସହ ଡିଜେଲ ଚୋରି

ଯୋଡ଼ା,୫ା୯(ଡି.ଏନ.ଏ.): ବାମେବାରୀ ଥାନା ସିଲଯୋଡ଼ାଠାରେ ଗତ ମଙ୍ଗଳବାର ରାତ୍ରିରେ ଜିପ ସହ ଏକ ହଜାର ଲିଟର ଡିଜେଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସିଲଯୋଡା ଅଞ୍ଚଳର ଖଣି ଠିକାଦାରଙ୍କ (ନଂଓଆର୦୯ଏଲ ୮୭୯୧) ଜିପକୁ ତାଙ୍କ ଡ୍ରାଇଭର ଜିତେନ୍ଦ୍ର କୁମାର ଜେନା ଗତ ମଙ୍ଗଳବାର ରାତିରେ ନିଜ ଘର ସମ୍ମୁଖରେ ରଖିଥିଲେ। ସେଥିରେ ୫ଟି ବ୍ୟାରେଲରେ ପ୍ରାୟ ୧ ହଜାର ଲିଟର ଡିଜେଲ ସହ ଡିଜେଲ ପମ୍ପ, ଗାଡିର କାଗଜପତ୍ର ଥିଲା। ବୁଧବାର ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ନିଖୋଜ ପୁଅଙ୍କୁ ଉଦ୍ଧାର ପାଇଁ ଗୁହାରି

ତେଲକୋଇ, ୫ା୯(ଡି.ଏନ.ଏ.): ତେଲକୋଇ ଥାନା ସିରିଗିଡା ପଞ୍ଚାୟତ ଅଧୀନ କାଳିମା ଗ୍ରାମର ଗୁରୁ ମହାକୁଡ (୩୫)ଙ୍କୁ ଜଣେ ଦଲାଲ ସୁରାଟରେ କାମ କରେଇବା ପାଇଁ ନେଇଥିଲେ। ଗୁରୁ ନିଖୋଜ ହୋଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିବା ସହ ପୁଅଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ୨୦୦୮ରେ ଦୋବଲାପାଲ ଗ୍ରାମର ଜଣେ ଦଲାଲଙ୍କ ଗୁରୁଙ୍କୁ ସୁରାଟକୁ ନେଇଥିଲେ। ଏବେ ତୁମ ପୁଅ ନିଖୋଜ ହୋଇଥିବା ଗୁରୁଙ୍କ ପରିବାର ଲୋକଙ୍କୁ ଦଲାଲ ଜଣଙ୍କ କହୁଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଭୁବନାନନ୍ଦ ବିଦ୍ୟାଳୟରେ ଜନ୍ମାଷ୍ଟମୀ

ରାଇସୁଆଁ, ୫ା୯(ଡି.ଏନ.ଏ.): ସଦର ବ୍ଲକ ପୁଟୁଳିଆ ଗ୍ରାମର ଭୁବନାନନ୍ଦ ବିଦ୍ୟାଳୟର ରାଧାମାଧବ ମନ୍ଦିରରେ ୧୩ତମ ବାର୍ଷିକ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା କାଳୀଚରଣ ବେହେରାଙ୍କ ସଭାପତିତ୍ୱରେ ଫିଲ୍ମ ତାରକା ପିଣ୍ଟୁ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେବାସହ ଅତିଥି ଭାବେ ଫିଲ୍ମ ନିର୍ଦ୍ଦେଶକ ବିପିନ ମହାନ୍ତ, ଆଦିତ୍ୟ ପାଢୀ, ଅଙ୍କିତ ବାରିକ ଯୋଗ ଦେଇଥିଲେ। ସ୍କୁଲ ପରିଚାଳକ ଦିଲୀପ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆମ୍ବୁଲାନ୍ସ ଭଙ୍ଗାରୁଜା କଲେ ଦୁର୍ବୃତ୍ତ

କେନ୍ଦୁଝର, ୫ା୯(ସ୍ୱ.ପ୍ର.)

ଜିଲା ମୁଖ୍ୟାଳୟ ଡାକ୍ତରଖାନା ପରିସରରେ ଥିବା ଆମ୍ବୁଲାନ୍ସକୁ ଭଙ୍ଗାରୁଜା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମ୍ବୁଲାନ୍ସ ସବୁଦିନ ଭଳି ଡାକ୍ତରଖାନା ପରିସରରେ ରହିଥାଏ। ଚାଳକଙ୍କ କହିବାନୁଯାୟୀ ସୋମବାର କଟକରୁ ଜଣେ ରୋଗୀଙ୍କୁ ଛାଡି ରାତି ପ୍ରାୟ ୧୦ଟାରେ ଫେରିଥିଲେ। ଫେରିବା ପରେ ଯଥା ସ୍ଥାନରେ ଆମ୍ବୁଲାନ୍ସକୁ ରଖି ଖାଇବାକୁ ଘରକୁ ଯାଇଥିଲେ। କେହି ଦୁର୍ବୃତ୍ତ ଗାଡିକୁ ଭଙ୍ଗାରୁଜା କରିଥିଲେ। ଗାଡିର ଆଗ ଓ ସାଇଡ କାଚ ଭାଙ୍ଗି ଯାଇଥିଲା। ଏ ନେଇ ଗତ ମଙ୍ଗଳବାର ଆମ୍ବୁଲାନ୍ସ ଚାଳକ ଟାଉନ ଥାନାରେ ଲିଖିତ ଜଣାଇଛନ୍ତି।



ଭାଙ୍ଗି ଯାଇଥିବା ଆମ୍ବୁଲାନ୍ସ।

କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାରେ ସରକାରୀ ଆମ୍ବୁଲାନ୍ସ ଅପେକ୍ଷା ଘରୋଇ ଆମ୍ବୁଲାନ୍ସ ଅଧିକ ରହିଛି। ଫଳରେ ଅନେକ ସମୟରେ ରୋଗୀ ନେବା ଆଣିବାକୁ ନେଇ ବିବାଦ ଦେଖାଦେଇଥାଏ। କେତେକ ଘରୋଇ ଆମ୍ବୁଲାନ୍ସ ରୋଗୀମାନଙ୍କଠାରୁ ଅଧିକ ଭଡ଼ା ନେଇ ଠକୁଥିବା ଅଭିଯୋଗ ହୋଇଆସୁଛି। ରୋଗୀଙ୍କୁ ଠକି ଅନେକ ସମୟରେ କଟକ ବଡଡାକ୍ତରଖାନା ବଦଳରେ ଘରୋଇ କ୍ଲିନିକ ଓ ହସ୍ପିଟାଲକୁ ନେଇ କମିଶନ କାରବାର କରୁଥିବା ଅଭିଯୋଗ ହେଉଛି। ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି କୌଣସି ବ୍ୟବସାୟିକ ଆକ୍ରୋଶ ରଖି ଗାଡି ଭଙ୍ଗାରୁଜା କରିଥିବା ଆଶଙ୍କା କରାଯାଉଛି। ଉକ୍ତ ଘଟଣା ପରେ ଡାକ୍ତରଖାନା ପରିସରରେ ରୋଗୀ ଓ ସେମାନଙ୍କ ଗାଡିଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାତିରେ ଜାତୀୟ ପତାକା ଉଡ଼ିବାକୁ ନେଇ ଚର୍ଚ୍ଚା



ରାତିରେ ଏସ୍‌ପି କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉଡୁଛି।

କେନ୍ଦୁଝର, ୫ା୯(ସ୍ୱ.ପ୍ର.)

କେନ୍ଦୁଝର ଏସ୍‌ପି କାର୍ଯ୍ୟାଳୟ ପରିସରରେ ରାତିରେ ଜାତୀୟ ପତାକା ଉଡ଼ିବା ଘଟଣାକୁ ନେଇ କେତେ ଦିନ ହେଲା ଚର୍ଚ୍ଚା ଜୋର ଧରିଛି। ଚର୍ଚ୍ଚା ପରେ ପତାକାକୁ ରାତିରେ କାଢ଼ି ନିଆଯାଇଛି। କେନ୍ଦୁଝର ଏସ୍‌ପି କାର୍ଯ୍ୟାଳୟର ନବକଳେବରକୁ ନେଇ ସମସ୍ତେ ସ୍ୱାଗତ କରିଥିବା ବେଳେ ରାତିରେ ଜାତୀୟ ପତାକା ଉଡ଼ିବାକୁ ନେଇ ଅନେକ ନାପସନ୍ଦ କରିଛନ୍ତି।

# ଆଦିବାସୀ ଇଲାକାର ଆଦର୍ଶ ଶିକ୍ଷକ

ଆନନ୍ଦପୁର/ କୋଲିମାଟି, ୫ା୯(ସ୍ୱ.ପ୍ର.)

ପେଶାରେ ଗୁରୁ ନ ହୋଇ ବି ନିଜ ମାନସିକତାର ଚରମ ନିଦର୍ଶନ ସ୍ୱରୂପ ସମାଜରେ ନିଜକୁ ଗୁରୁର ମାନ୍ୟତା ପାଇବାରେ ସକ୍ଷମ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବିଦେଶରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଚାକିରିକୁ ଛାଡି ନିଜ ଗ୍ରାମର ଶିକ୍ଷାବସ୍ଥାକୁ ସୁଧାର କରିବା ପାଇଁ ଆଗେଇଆସିବା ଭଳି ଘଟଣା ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ବିରଳ ଉଦାହରଣ ସୃଷ୍ଟି କରିଛି। ଏଭଳି ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ କୋଲିମାଟି ଗ୍ରାମରେ। ଚାକିରି ଛାଡି ଜଣେ ଶିକ୍ଷିତ ଯୁବକ ହୋଇପାରିଛନ୍ତି ଜଣେ ଆଦର୍ଶ ଶିକ୍ଷକ। ସେ ହେଲେ କୋଲିମାଟି ଗ୍ରାମର ସୌରଜିତ୍ ନାଇକ।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ। ସେଠାକାର ଅଧିକାଂଶ ଲୋକ ଦିନ ମଜୁରିଆ। ପିଲାମାନଙ୍କ ପଢା ଉପରେ ପରିବାରବର୍ଗ ଗୁରୁତ୍ୱ ଦିଅନ୍ତି ନାହିଁ। ପିଲାମାନେ ସ୍କୁଲ୍ ସମୟରେ ଖେଳକୁଦରେ ମାତିଥାନ୍ତି। ବାହାରେ ଚାକିରି କରି ରହୁଥିବା କିଛି ଯୁବକ ଛୁଟି ସମୟରେ ଗ୍ରାମକୁ ଆସି ଦେଖିବା ପରେ ପିଲାମାନଙ୍କୁ କିପରି ପାଠ ପଢାଇ ସେମାନଙ୍କୁ ପ୍ରଗତୀ ପଥରେ ଆଗେଇ ନେବାକୁ ଚିନ୍ତା କରିଥିଲେ। ଏହିଭଳି ଗାଁର କିଛି ଶିକ୍ଷିତ ଯୁବକଙ୍କୁ ନେଇ ଅଲିଭା ଦୀପ ଯୁବଶିକ୍ଷା ସଂଘ ଗଠନ କରାଯାଇଥିଲା। ଗ୍ରାମରେ ଥିବା ଆବାସିକ ସେବାସଶ୍ରମ ବିଦ୍ୟାଳୟର ନୂଆଘର ହେବା ପରେ ପୁରୁଣା ଘର ଗୁଡିକ ଖୋଲା ପଡିଥିଲା। ଉକ୍ତ ପୁରୁଣା ଘରେ ସକାଳେ ଓ ସନ୍ଧ୍ୟାରେ ମାଗଣାରେ ପାଠ ପଢାଇବା ଫଳରେ ବହୁପିଲା ପାଠ ବୁଝିବାକୁ ଆସୁଛନ୍ତି ଓ ଭଲ ପାଠ ପଢିବାରେ ସକ୍ଷମ ହେଉଛନ୍ତି। ଗତବର୍ଷ ଅଗଷ୍ଟରୁ ଆରମ୍ଭ ହୋଇଥିବା ମାଗଣା ଶିକ୍ଷାଦାନ କେନ୍ଦ୍ରରେ ପ୍ରଥମରୁ ନବମ ଶେଣୀ ପର୍ଯ୍ୟନ୍ତ ୬୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗ୍ରାମର ୮ ଶିକ୍ଷିତ ଯୁବକ ପାଠ ପଢାଉଛନ୍ତି। ଶିକ୍ଷିତ ଯୁବକଙ୍କର ଏଭଳି ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ସମ୍ପୃକ୍ତ ଗ୍ରାମର ଯୁବକଙ୍କର କାର୍ଯ୍ୟକଳାପକୁ ଅନୁସରଣ କରି ପାଖଆଖ ଅଞ୍ଚଳ କଲୋନୀ ସାହି, ଯାତ୍ରା କୁସୁମ ପ୍ରଭୃତି ଗାଁରେ ମଧ ଏଭଳି ଯୁବକମାନେ ମାଗଣାରେ ଶିକ୍ଷାଦାନ କେନ୍ଦ୍ର ଖୋଲିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ

ଢେଙ୍କିକୋଟ, ୫ା୯(ଡି.ଏନ.ଏ.)

ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳନ ହୋଇଯାଇଛି। ସଭାରେ ଶିଶୁବିଦ୍ୟାର ପରିଚାଳନା କମିଟିର ସଭାପତି ଦୁଃଖବନ୍ଧୁ ବାରିକ ସଭାପତିତ୍ୱରେ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ମହନ୍ତ, ମୁଖ୍ୟବକ୍ତା କେନ୍ଦୁଝର ଜିଲା ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟର ମ୍ୟାନେଜର ପଞ୍ଚାନନ ପଞ୍ଚାନନ ସେଠୀ, ସମ୍ମାନିତ ଅତିଥି ଏଲ୍‌ଆଇସି ଏଜେଣ୍ଟ ଗୋବିନ୍ଦ ଚନ୍ଦ୍ର ନାଏକ, ଏବିଏଏନ୍ ଗଙ୍ଗାଧର ପାତ୍ର, ଏଲ୍‌ଆଇସି ଡେଭଲପ୍‌ମେଣ୍ଟ ଅଫିସର ପରମେଶ୍ୱର ପାତ୍ର, ଶିଶୁମନ୍ଦିର ପରିଚାଳନା କମିଟିର ସମ୍ପାଦକ ତୃପ୍ତିରଞ୍ଜନ ସାହୁ, କୋଷାଧକ୍ଷ ଦୈତାରୀ ନାୟକ ଉପସ୍ଥିତ ରହିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ଗୁରୁମାଗୁରୁଜୀଙ୍କୁ ପୂଜା କରିଥିଲେ। ଗୁରୁଜୀ ବିଦେଶୀବନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଲକ୍ଷ୍ମୀପ୍ରିୟା ବେହେରା ସଭା ପରିଚାଳନା କରିଥିଲେ। ଗୁରୁଜୀ ବୈଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ବିଲ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ପ୍ରସ୍ତୁତି

ବଡବିଲ, ୫ା୯(ସ୍ୱ.ପ୍ର.)

ବଡ଼ବିଲରେ ଆସନ୍ତା ଶୀତ ଋତୁ ପ୍ରାରମ୍ଭରେ ବଡ଼ବିଲ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ବଡ଼ବିଲ ବ୍ରଦରହୁଡ କ୍ରିକେଟ କ୍ଲବ ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ କ୍ଲବ ସଭାପତି ସଞ୍ଜୟ ନାଏକ ସୂଚନା ଦେଇ କହିଛନ୍ତି ଯେ, ବଡବିଲରେ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ନେଇ ଅଞ୍ଚଳର ସମସ୍ତ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ଟୁର୍ନାମେଣ୍ଟରେ ସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିପାରିବ ବୋଲି କହିଛନ୍ତି ସଞ୍ଜୟ। ସ୍ଥାନୀୟ ବିକାଶ ମହଲ ପଡିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇ କ୍ଲବ ସମ୍ପାଦକ ରସିଦ୍ ଅହମଦ୍ କହିଛନ୍ତି ଯେ, ମୋଟ୍ ୮ ଦଳ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଆରିତ ଦତ, ଯୁଗ୍ମ ସମ୍ପାଦକ ନୌସାଦ ହୁସେନ୍, କୋଷାଧକ୍ଷ ରସାନନ୍ଦ ବେହେରା ଓ ସମନ୍ୱୟକାରୀ(କୋ-ଅର୍ଡିନେଟର) ନରେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟଙ୍କ କେନ୍ଦୁଝର ଗସ୍ତ


ଛାତ୍ରୀନିବାସ ପରିଦର୍ଶନ କରୁଛନ୍ତି ହରିହର ନାଏକ (ଡାହାଣ)।

କେନ୍ଦୁଝର, ୫ା୯(ସ୍ୱ.ପ୍ର.)

ରାଜ୍ୟ ଶିଶୁ ଅଧିକାର ଆୟୋଗର ସଦସ୍ୟ ହରିହର ନାଏକ ୨ ଦିନିଆ କେନ୍ଦୁଝର ଜିଲା ଗସ୍ତ କରି ଶୁକ୍ରବାର ଫେରିଛନ୍ତି। ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିଶୁଯତ୍ନ ଅନୁଷ୍ଠାନ ଗୁଡିକ ଗସ୍ତ କରି ଛାତ୍ରୀଛାତ୍ର, ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା, ସୁରକ୍ଷା ବ୍ୟବସ୍ଥା କିପରି କାର୍ଯ୍ୟକାରୀ ହେଉଛି ସେ ବିଷୟରେ ଅନୁଧ୍ୟାନ କରିଥିଲେ।

ଖଜୁରୀମୁଣ୍ଡି, ଶୁଆକାଟିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସ, ଏସ୍‌ସି ଓ ଏସ୍‌ଟି ବିଭାଗ ଦ୍ୱାରା ଚାଲିଥିବା ବିଦ୍ୟାଳୟର ଛାତ୍ରୀ ନିବାସ, ବିଭିନ୍ନ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଚାଇଲ୍ଡ ଲାଇନ ଆଦି ବୁଲି ଦେଖିଥିଲେ। ଗସ୍ତ ସମୟରେ ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

## ଗୁରୁଙ୍କୁ ପୂଜିଲେ ଛାତ୍ରୀଛାତ୍ର

କୋଲିମାଟି, ୫ା୯

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତ ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ର ଗୁରୁଙ୍କୁ ପୂଜାର୍ଚ୍ଚନ କରିଥିଲେ। ପରେ ଶିକ୍ଷକଙ୍କୁ ମିଠା ଖୁଆଇଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଗୁରୁଙ୍କ ବିଷୟରେ ବିଭିନ୍ନ ଉଦାହରଣ ଦେଇଥିଲେ। ପବିତ୍ର ଗୁରୁ ଦିବସ ଉପଲକ୍ଷେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ମିଶି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ।

## ସାଧାରଣଜ୍ଞାନ ପ୍ରତିଯୋଗିତା


ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

କେନ୍ଦୁଝର, ୫ା୯(ସ୍ୱ.ପ୍ର.)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଜ୍ଞାସା ମନୋଭାବ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୌଜନରେ ମଙ୍ଗଳବାର ସାଧାରଣଜ୍ଞାନ ପ୍ରତିଯୋଗିତା କୁଇଜ କ୍ଲୋରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଭୂତତ୍ତ୍ୱ ବିଭାଗର ଛାତ୍ର ଅବିନାଶ ମଲ୍ଲିକ ଓ ଅରଜିତ ପ୍ରସାଦ ମଲ୍ଲିକଙ୍କ ଦଳ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ଯୁକ୍ତ ୩ ତୃତୀୟ ବର୍ଷ ଭୂତତ୍ତ୍ୱ ବିଭାଗର ଛାତ୍ର ଅନିଶ ଗିରି ଓ ନମନ ସାହୁଙ୍କ ଦଳ ଦ୍ୱିତୀୟ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଭୂତତ୍ତ୍ୱ ବିଭାଗର ଛାତ୍ର ଦୀପାୟନ ରାଉତ ଓ ଚନ୍ଦନ କୁମାର ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅଧକ୍ଷା ଅର୍ଚ୍ଚନା ଦାସ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରିଥିଲେ। ସ୍ୱଚ୍ଛାସେବୀ ସଙ୍ଗଠନ ସମ୍ଭାବନା ପକ୍ଷରୁ ଆୟୋଜନ କରାଯାଇଥିଲା।

# ପାଟଣା-ଠାକୁରମୁଣ୍ଡା ଯୋଗାଯୋଗ ବିଚ୍ଛିନ୍ନ


ପୋଲ ଦେଇ ପ୍ରବେଶ କରୁଥିବା ଜଳ।

ପାଟଣା, ୫ା୯(ସ୍ୱ.ପ୍ର.)

ପାଟଣା ବ୍ଲକ ମିରିଗିଖୋଜି ନିକଟ ବିରଳ ନଦୀ ଉପରେ ଥିବା ପୋଲ ଦେଇ ଲଘୁଚାପ ବର୍ଷା ଜଳ ପ୍ରବେଶ କରିଛି। ବୁଧବାର ଅପରାହ୍ନରେ ୧୦ ଫୁଟ ଉଚ୍ଚରେ ପାଣି ଚାଲିଥିଲା। ଫଳରେ ପଟଣା-ଠାକୁରମୁଣ୍ଡା ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଦମାହୁଦା, ବନବୀର, କୁଦା ବେଡ଼ା, ଓ ଠାକୁରମୁଣ୍ଡା ଲୋକେ ପାଟଣା ମୁଖ୍ୟାଳୟକୁ ଯାତାୟାତ କରିପାରୁନାହାନ୍ତି। ଉକ୍ତ ନଦୀ ଉପରେ ୫ ବର୍ଷ ହେବ ନୂତନ ପୋଲ ନିର୍ମାଣ ଚାଲିଛି। ତାହା ସମ୍ପୂର୍ଣ୍ଣ ହୋଇପାରୁନି।

# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଚମ୍ପୁଆ,୫ା୯(ଡି.ଏନ.ଏ.)

ଓଡ଼ିଶା ସରକାରଙ୍କ ପକ୍ଷରୁ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନିମନ୍ତେ ଆର୍ଥିକ ସହାୟତା ଘୋଷଣା ପରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଅଧକ୍ଷ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ କେନ୍ଦୁଝର ଏମ୍‌ପି ସକୁନ୍ତଳା ଲାଗୁରି ମୁଖ୍ୟ ଅତିଥି, ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ, ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ ଉମାକାନ୍ତ ମାହାନ୍ତ, ପରିଚାଳନା ସମ୍ପାଦକ ଉପେନ୍ଦ୍ର ମାହାନ୍ତ ଓ ପୂର୍ବତନ ଏମପି ଯୋଶବନ୍ତ ନାରାୟଣ ସିଂ ଲାଗୁରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳର ଭିତ୍ତିଭୂମିର ବିକାଶ କରାଯାଇ ଛାତ୍ରୀଛାତ୍ରଙ୍କ ଉନ୍ନତ ଭବିଷ୍ୟତ ଗଠନ କରିବା, ଆଦିବାସୀ ଅଞ୍ଚଳ ଚମ୍ପୁଆରେ ଶିକ୍ଷାକୁ ଆଗକୁ ବଢାଇବା ସହ ଆବଶ୍ୟକ ଆନୁସାଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ସରକାରଙ୍କ ପକ୍ଷରୁ ଦେଢ କୋଟି ଟଙ୍କା ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଉପସ୍ଥିତ ଅତିଥି ବୃନ୍ଦ ସାଧୁବାଦ ଜଣାଇ ଥିଲେ। ଏହି ସହାୟତା ମାଧ୍ୟମରେ ପ୍ରଥମିକତା ଭିତ୍ତିରେ ପ୍ରମୁଖ ଆବଶ୍ୟକତା ପୂରଣ କରାଯିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଉକ୍ତ ମହାବିଦ୍ୟାଳୟ ନିଶ୍ଚିତ ସରକାରୀ ମାନ୍ୟତା ପାଇବାକୁ ହକଦାର ହେବ ବୋଲି ପୂର୍ବତନ ଏମପି ଦୃଢକ୍ତି ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତାମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ କର୍ମକର୍ତ୍ତା।

## କାଶିବେଡ଼ାକୁ ଡିଜିଟାଲ ଗ୍ରାମ ଘୋଷଣା

ଢେଙ୍କିକୋଟ, ୫ା୯(ଡି.ଏନ.ଏ.)

ଘଟଗାଁ ବ୍ଲକ ଖଣ୍ଡଘର ପଞ୍ଚାୟତର କାଶିବେଡ଼ା ଗ୍ରାମକୁ ଡିଜିଟାଲ ଗ୍ରାମ ଘୋଷଣା କରାଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଢେଙ୍କିକୋଟ ଶାଖା ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା। ଶାଖା ପରିଚାଳକ ଗଣନାଥ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜିଲା ଅଗ୍ରଣୀ ପ୍ରବନ୍ଧକ ମନୋଜ କୁମାର ଶାସନି, ମୁଖ୍ୟବକ୍ତା ଭାବେ ଘଟଗାଁ ବ୍ଲକର ବିଡ଼ିଓ ତ୍ରିଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଖଣ୍ଡଘର ସରପଞ୍ଚ ଈଶ୍ୱର ଚନ୍ଦ୍ର ନାୟକ, କାଶିବେଡ଼ା ଗ୍ରାମର ସମାଜସେବୀ ଟଙ୍କଧର ମାଝୀ ଯୋଗ ଦେଇଥିଲେ। ଲିପିକ ଲଲାଟେନ୍ଦୁ ନାୟକ ସଭା ପରିଚାଳନା କରିଥିଲେ। କାଶିବେଡ଼ା ଗ୍ରାମର ୨୪୧ ପରିବାରର ୧୦୦୩ ଜନସଂଖ୍ୟାଙ୍କ ମଧ୍ୟରୁ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଢେଙ୍କିକୋଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ପାସ ବହି ଥିବା ବ୍ରାଞ୍ଚ ମ୍ୟାନେଜର ନାୟକ ପ୍ରକାଶ କରିଛନ୍ତି। ସଭାରେ ୨୦୦ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ଲିପିକ ଲଲାଟେନ୍ଦୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଚ୍ଛତା ପକ୍ଷରେ ସଚେତନତା ବାର୍ତ୍ତା

ଝୁମ୍ପୁରା, ୫ା୯(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱଚ୍ଛତା ଲାଗି ସଚେତନତା ସୃଷ୍ଟି କରିଛନ୍ତି। ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରାଯାଇଥିଲା। 'ଭଉଣୀଭାଇ ଏକ ହୁଅ, ସଫେଇ କାର୍ଯ୍ୟରେ ଯୋଗ ଦିଅ' ସ୍ଲୋଗାନ ଦେଇଥିଲେ। ପରିବେଶ ସଫା ସୁତୁରା ରହିଲେ, ନିରୋଗ ରହିବା ଆଦି ଲେଖାଥିବା ପ୍ଲାକାର୍ଡ ସହ ଛାତ୍ରୀଛାତ୍ର ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟି ଥିଲେ। ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରାଙ୍କ ଅଧକ୍ଷତାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା।

## ହୋ ସମ୍ପ୍ରଦାୟର ସାଧାରଣ ବୈଠକ

କୋଲିମାଟି, ୫ା୯

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତର କରଡ଼ାବଣି ଗ୍ରାମରେ ଶହୀଦ ବିର୍ସା ମୁଣ୍ଡା କ୍ଲବ ଆନୁକୂଲ୍ୟରେ ସଭାପତି ନନ୍ଦ କିଶୋର ହେମ୍ବ୍ରମଙ୍କ ସଭାପତିତ୍ୱରେ ହୋ ସମ୍ପ୍ରଦାୟର ସାଧାରଣ ବୈଠକ ହୋଇଥିଲା। ବୈଠକରେ ରାମରାଇ ମୁନ୍ଦୟା ଆଦିବାସୀ ହସିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଜୀବନ ସିଂ ମୁଣ୍ଡା, କେନ୍ଦୁଝର ଜିଲା ମଙ୍ଗଳ ଅଧିକାରୀ ବ୍ରହ୍ମେଶ୍ୱର ସାହୁ, ପୂର୍ବତନ ଜିଲା ପରିଷଦ ଛବିନ୍ଦ୍ର କୁମାର ପାତ୍ର, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ହୋ ସମ୍ପ୍ରଦାୟର ବିକାଶ ନେଇ ଆଲୋଚନା କରାଯାଇଥିଲା।

ବୈଠକରେ ୪୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏବଂ ଯୁବତୀଯୁବକ ଉପସ୍ଥିତ ଥିଲେ। କମିଟି ତରଫରୁ ପୁରେନ୍ଦ୍ର ପିଙ୍ଗୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଗୌରାଙ୍ଗ ଚରଣ ନାଏକ, ଯୁଗେନ୍ଦ୍ର ହେମ୍ବ୍ରମ, ସନାତନ ହେମ୍ବ୍ରମ, ପପୁନ ହେମ୍ବ୍ରମ, ବୁଦାନ ସିଙ୍ଗ ହେମ୍ବ୍ରମ, ତୁଳସି ପିଙ୍ଗୁଆ, ଜୟନ୍ତୀ ମୁଣ୍ଡା, ସଂଜୁଲତା ମୁଣ୍ଡା, ସଙ୍ଗୀତ ମୁଣ୍ଡା, ମନୋଜ ହେମ୍ବ୍ରମ, ମଙ୍ଗୁଲୁ ମୁଣ୍ଡା, ନିର୍ମଳ ପିଙ୍ଗୁଆ ସହଯୋଗ କରିଥିଲେ।